# ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ
# (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମାବଳୀ

### ୧ ଜାନୁୟାରୀ ୨୦୦୮ ଓ ୬ ସେପ୍ଟେମ୍ବର ୨୦୧୨ରେ କେନ୍ଦ୍ର ସରକାରଙ୍କର
### ଆଦିବାସୀ ବ୍ୟାପର ମନ୍ତ୍ରଣାଳୟ ଦ୍ୱାରା ହୋଇଥିବା ବିଜ୍ଞପ୍ତି

***(ନିୟମ ୨୦୧୨ରେ ହୋଇଥିବା ସଂଶୋଧନର ଅଂଶଗୁଡ଼ିକୁ ଗାଢ଼ ଅଂଶଗୁଡ଼ିକୁ ଗାଢ଼ ଅକ୍ଷରରେ ସ୍ପଷ୍ଟ ହେବା ପାଇଁ ସୂଚୀତ କରାଯାଇଛି)***

ବର୍ତ୍ତମାନ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ର ଧାରା ୧୪ର ଉପଧାରା ୧ ଓ ୨ ଅନୁଯାୟୀ ଏଥିସହିତ କେନ୍ଦ୍ର ସରକାର ଏହିସବୁ ଜଙ୍ଗଲରେ ବସବାସ କରି ଆସୁଥିବା ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କର ମାନ୍ୟତା ନିମନ୍ତେ ଏବଂ ଜଙ୍ଗଲ ଜମିରେ ଜୀବିକା ନିର୍ବାହ ସକାଶେ ଜଙ୍ଗଲ ଅଧିକାର ପ୍ରଦାନ ପାଇଁ ନିମ୍ନଲିଖିତ ନିୟମ ପ୍ରଣୟନ କରିଛନ୍ତି,ଯଥା:

**୧. ସଂକ୍ଷିପ୍ତ ଶିରୋନାମା ଏବଂ ପ୍ରାରମ୍ଭ :**

୧) ଏହି ଆଇନ୍ ଅନୁସୂଚୀତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ନିୟମ ୨୦୧୨ ରୂପେ ସମ୍ବୋଧିତ ହେବ।

୨) ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଏହା ସମଗ୍ର ଭାରତରେ ଲାଗୁ ହେବ।

୩) ସରକାରୀ ଗେଜେଟ୍‌ରେ ପ୍ରକାଶିତ ହେବା ଦିନଠାରୁ ଏହା କାର୍ଯ୍ୟକାରୀ କରାଯିବ।

**୨. ସଂଜ୍ଞା:**

୧) ଏହି ନିୟମ ଅଧୀନରେ ଥିବା ବିଷୟବସ୍ତୁକୁ ନିମ୍ନଲିଖିତ ରୂପେ ବୁଝାଯିବ :

କ) **"ଆଇନ୍"** ଅର୍ଥାତ୍ ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ୍ ୨୦୦୬ (୨ ଜାନୁୟାରୀ ୨୦୦୭)

***ଖ) "ଜୀବିକାର ବାସ୍ତବିକ ଆବଶ୍ୟକତା"ରେ ଅଧିନିୟମର ଧାରା ୩ର ଉପଧାରା (୧)ରେ ଉଦ୍ଦିଷ୍ଟ ଥିବା ଅଧିକାରର ପ୍ରୟୋଗ ମାଧମରେ ନିଜେ ଏବଂ ପରିବାରର ଜୀବିକାର ଆବଶ୍ୟକତାକୁ ପୂରା କରିବା ବିଷୟ କୁହାଯାଇଛି ଏବଂ ଏଥିରେ ଏହି ଅଧିକାର ପ୍ରୟୋଗ କରି ବଳକା ଉତ୍ପାଦନକୁ ବିକ୍ରି କରି ପାରିବେ, ଏହା ସଂନ୍ନିବେଶିତ ହୋଇଛି।***

***ଗ) "ଦାବିଦାର" ଅର୍ଥାତ୍ ବ୍ୟକ୍ତି, ଗୋଷ୍ଠୀ, ପରିବାର ଏବଂ ସମୂହ ଯିଏ ଏହି ଆଇନ୍‌ରେ ପ୍ରଦାନ କରାଯାଇଥିବା ସ୍ୱୀକୃତି ଓ ଅଧିକାର ପାଇଁ ଦାବି କରିପାରୁଥିବେ ।***

***'(ଗକ) "ଗୋଷ୍ଠୀ ଅଧିକାର" ଅର୍ଥ ଯାହା ଧାରା ୩ର ଉପଧାରା (୧)ର ଖଣ୍ଡ (ଖ), (ଗ), (ଘ), (ଙ), (ଜ), (ଝ), (ଞ), (ଟ) ଏବଂ (ଠ)ରେ ସୂଚୀତ ଅଛି।***

***ଘ) ଅଧିନିୟମର ଧାରା ୩ର ଉପଧାରା (୧)ର ଖଣ୍ଡ (ଗ) ଅଧିନରେ "ଲଘୁ ବନଜାତ ଦ୍ରବ୍ୟ ବିକ୍ରୟ"ର ଅଧିକାର ଓ ଏହାର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବରେ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ କରି ପରିବହନ କରିବା ପାଇଁ ସ୍ଥାନୀୟ ଉପଯୁକ୍ତ ସାଧନର ବ୍ୟବହାର କରିପାରିବେ। ଜଙ୍ଗଲ ମଧରୁ ଅଥବା ବାହାରୁ ଲଘୁବନଜାତ ଦ୍ରବ୍ୟକୁ, ଜୀବିକା ନିମନ୍ତେ ବ୍ୟବହାର ଅଥବା ବିକ୍ରୀପାଇଁ ଏହାର ସଂଗ୍ରହକାରୀ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବରେ ପରିଷଦ ଅଥବା ସମବାୟ ମାଧମରେ କରିପାରିବା ବିଷୟ ଏଠାରେ ଉଲ୍ଲେଖ ଅଛି।***

*(୧) ସ୍ପଷ୍ଟିକରଣ – ଲଘୁ ବନଜାତ ଦ୍ରବ୍ୟ ପରିବହନ ସମ୍ବନ୍ଧରେ ପର୍ମିଟ୍ ବ୍ୟବସ୍ଥା ପରିବର୍ତ୍ତୀତ ହେବ ଓ ନିୟମ ୪ର ଉପଧାରା (୧)ର ଖଣ୍ଡ (ଙ)ର ଅଧିନରେ ଗଠିତ ସମିତି ଦ୍ୱାରା ବା ଗ୍ରାମସଭା ଦ୍ୱାରା ଅଧିକାର ପ୍ରାପ୍ତ ବ୍ୟକ୍ତି ଦ୍ୱାରା ଦିଆଯିବ।*

୨) ପରିବହନ ପର୍ମିଟ୍ ପାଇବାର ଆବଶ୍ୟକୀୟ ପ୍ରକ୍ରିୟା ଲଘୁ ବନଜାଦ ଦ୍ରବ୍ୟ ବିକ୍ରୟ ଅଧିକାରକୁ କୌଣସି ପ୍ରକାର ବିରୋଧ ବା ନ୍ୟୁନ କରିପାରିବ ନାହିଁ।

୩) ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ସମସ୍ତ ପ୍ରକାର ରାଜଭାଗ (ରୟଲଟି) ତଥା ଅନ୍ୟ କୌଣସି ପ୍ରକାର ଦେୟ ଠାରୁ ମୁକ୍ତ ରହିବ।

ଙ) **"ଜଙ୍ଗଲ ଅଧିକାର କମିଟି"** ଅର୍ଥାତ୍ ନିୟମ ୩ ଅଧିନରେ ଗ୍ରାମସଭା ଦ୍ୱାରା ଗଠିତ ଏକ କମିଟି ।

ଚ) **"ଧାରା"** ଅର୍ଥାତ୍ ଏହି ଆଇନ୍‌ର ଧାରା ।

*୨) ନିୟମଗୁଡିକରେ ବ୍ୟବହୃତ ଏବଂ ସଂଜ୍ଞା ନିରୂପିତ ହୋଇନଥିବା ଶବ୍ଦ ଓ ପଦସମୂହ ଏହି ଆଇନ୍‌ରେ କ୍ରମାନ୍ୱୟରେ ସେହି ଅର୍ଥକୁ ପ୍ରତିପାଦିତ କରିବେ ଯାହା, ଆଇନ୍‌ରେ ବ୍ୟବହୃତ ହୋଇଛି ।*

**୩. ଗ୍ରାମସଭା :**

୧) ଗ୍ରାମପଞ୍ଚାୟତ ଦ୍ୱାରା ଗ୍ରାମସଭାଗୁଡ଼ିକ ଡକାଯିବ ଏବଂ ଏହାର ପ୍ରଥମ ବୈଠକରେ ଏହାର ସଭ୍ୟ / ସଭ୍ୟାମାନଙ୍କ ମଧ୍ୟରୁ ଅତିକମ୍‌ରେ ୧୦ ଜଣ ଏବଂ ଅତିବେଶୀରେ ୧୫ ଜଣଙ୍କୁ ନିର୍ବାଚିତ କରି ଜଙ୍ଗଲ ଅଧିକାର କମିଟି ଗଠନ କରାଯିବ ଯେଉଁଥିରେ ଅତି କମ୍‌ରେ ଦୁଇ ତୃତୀୟାଂଶ ସଭ୍ୟ ଅନୁସୂଚୀତ ଜନଜାତି ହୋଇଥିବେ ।

ପ୍ରକାଶ ଥାଉ କି, ଏହି ସଭ୍ୟ / ସଭ୍ୟାଙ୍କ ମଧ୍ୟରୁ ଏକ ତୃତୀୟାଂଶରୁ କମ୍ ମହିଳା ହୋଇନଥିବେ । ପୁନଶ୍ଚ ପ୍ରକାଶ ଥାଉ କି, ଯେଉଁଠାରେ ଅନୁସୂଚୀତ ଜନଜାତି ନଥିବେ ସେଠାରେ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଭ୍ୟା ଥିବେ ।

୨) ଜଙ୍ଗଲ ଅଧିକାର କମିଟି ଜଣେ ସଭା ମୁଖ୍ୟ ଓ ଜଣେ ସଚିବଙ୍କୁ ସ୍ଥିର କରିବ ଏବଂ ଏ ସମ୍ବନ୍ଧରେ ଉପଖଣ୍ଡ ସ୍ତରୀୟ କମିଟିକୁ ଜଣାଇବେ।

*[୨କ. ପଡ଼ାଗ୍ରାମ କିମ୍ବା ବସତିର ଚିହ୍ନଟ ଏବଂ ଏହାକୁ ସମ୍ମିଳିତ କରିବାର ପ୍ରକ୍ରିୟା]*

*ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ:-*

*କ) ପ୍ରତ୍ୟେକ ପଞ୍ଚାୟତ ତାର ସୀମା ଭିତରେ ଥିବା ପଡ଼ାଗ୍ରାମ ବା ବସତିସମୂହ ରେକର୍ଡ଼ଭୁକ୍ତ / ନଥିଭୁକ୍ତ ହୋଇନଥିବା ଗ୍ରାମ ବନ୍ଦୋବସ୍ତ ହୋଇନଥିବା ଗ୍ରାମ, ଜଙ୍ଗଲ ଗ୍ରାମ, ଟାଙ୍ଗିଆ ଗ୍ରାମ ଅଥବା ଜଙ୍ଗଲ ସ୍ଥିତ ଗ୍ରାମ ଯାହା ଔପଚାରିକ ଭାବରେ କୌଣସି ରାଜସ୍ୱ ଅଥବା ଜଙ୍ଗଲ ଗ୍ରାମର ନଥିଭୁକ୍ତ ହୋଇନାହିଁ, ସେହି ସମସ୍ତ ଗ୍ରାମର ସୂଚୀ ପ୍ରସ୍ତୁତ କରି ପଞ୍ଚାୟତର ସଂକଳ୍ପନାମା ମାଧମରେ ଏହି ନିୟମର ଆବଶ୍ୟକତା ହେତୁ ପ୍ରତ୍ୟେକ ବସତିଗୁଡ଼ିକର ସୂଚୀକୁ ଏକତ୍ରୀତ କରି ଏହାକୁ ଗ୍ରାମସଭା ଦ୍ୱାରା ପାରିତ କରିବେ ଏବଂ ଉକ୍ତ ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିରେ ଦାଖଲ କରିବେ।*

*ଖ) ବର୍ତ୍ତମାନ କୌଣସି ଗ୍ରାମର ଅଂଶବିଶେଷ ହୋଇନଥିବା ମାତ୍ର ପଞ୍ଚାୟତ ସଂକଳ୍ପନାମା ପରେ ଗ୍ରାମ ଭାବରେ ପଞ୍ଚାୟତର ଅନ୍ତର୍ଭୁକ୍ତ ହେଉଥିବା ପଡ଼ାଗ୍ରାମ ଓ ବସତିର ସୂଚୀକୁ ଉପଖଣ୍ଡସ୍ତରୀୟ କମିଟିର ଉପଖଣ୍ଡୀୟ ଅଧିକାରୀ ଏକତ୍ରୀତ କରି, ରାଜ୍ୟର ନିୟମ ଅନୁସାରେ ତଥା ଜନସାଧାରଣଙ୍କ ମତାମତକୁ ଆଧାର କରି ଗ୍ରାମଗୁଡ଼ିକୁ ମୂଖ୍ୟଗ୍ରାମ ସହିତ ସଂଯୁକ୍ତ କରିବେ ଅଥବା ସ୍ୱତନ୍ତ୍ର ଗ୍ରାମର ମାନ୍ୟତା ଦେବେ।*

*ଗ) ପଡ଼ାଗ୍ରାମ ତଥା ବସତିର ସୂଚୀ ଚୂଡ଼ାନ୍ତ ହେବାପରେ ଅଧିକାର ପ୍ରଦାନ ଓ ସ୍ୱୀକୃତିର ପ୍ରକ୍ରିୟା ସେହି ପଡ଼ାଗ୍ରାମ ତଥା ବସତିରେ ଆରମ୍ଭ କରାଯିବ ଓ ପୂର୍ବରୁ ମାନ୍ୟତା ଦିଆଯାଇଥିବା କୌଣସି ଅଧିକାରକୁ ବ୍ୟାଘାତ କରାଯିବ ନାହିଁ।*

୩) ଯେଉଁ ସମୟରେ ଜଙ୍ଗଲ ଅଧିକାର କମିଟିର ଜଣେ ସଭ୍ୟ/ସଭ୍ୟା ନିଜସ୍ୱ ଜଙ୍ଗଲ ଅଧିକାର ନିମନ୍ତେ ଅଭିଯୋଗ ଆଣିଥିବେ, ସେ ଏହି ସମ୍ପର୍କରେ କମିଟିକୁ ଜଣାଇବେ ଏବଂ ଯେତେବେଳେ ତାଙ୍କର ଅଭିଯୋଗ ବିଚାର କରାଯାଉଥିବ, ଏବଂ ଅଭିଯୋଗର ସତ୍ୟତା ଯାଞ୍ଚ କରାଯାଉଥିବ, ସେ ଉକ୍ତ ତଦାରଖ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ ନାହିଁ ।

*୪) ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ନିୟମ ୨୦୧୨କୁ ଲାଗୁ ହେବା ତାରିଖ ପୂର୍ବରୁ ଆରମ୍ଭ କରାଯାଇଥିବା ଦାବି ସ୍ୱୀକୃତି ପ୍ରକ୍ରିୟା ଓ ଦାବି ସ୍ୱୀକୃତି ପ୍ରଭାବିତ ହେବନାହିଁ।"*

**୪. ୧. ଗ୍ରାମସଭାର କାର୍ଯ୍ୟକଳାପ :**

କ) ଜଙ୍ଗଲ ଅଧିକାରର ଗୁରୁତ୍ୱ ଓ ପ୍ରକାରଭେଦ ନିର୍ଦ୍ଧାରଣ ନିମନ୍ତେ କାର୍ଯ୍ୟକ୍ରମ ଆରମ୍ଭ କରିବ ଏବଂ ସେହି ସମ୍ପର୍କିତ ଅଭିଯୋଗଗୁଡ଼ିକ ଗ୍ରହଣ କରିବ ଓ ଶୁଣିବ।

ଖ) ଜଙ୍ଗଲ ଅଧିକାର ଅଭିଯୋଗଗୁଡ଼ିକର ତାଲିକା ପ୍ରସ୍ତୁତ କରିବ ଏବଂ କେନ୍ଦ୍ର ସରକାରଙ୍କ ଆଦେଶ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଅଭିଯୋଗ ଏବଂ ଅଭିଯୁକ୍ତମାନଙ୍କର ବିବରଣୀର ଏକ ରେଜିଷ୍ଟର ଚାଲୁ କରାଯିବ ।

ଗ) ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷମାନଙ୍କୁ ଯଥୋଚିତ ସୁବିଧା ସୁଯୋଗ ପ୍ରଦାନ କରିବା ସହିତ ଜଙ୍ଗଲ ଅଧିକାରଗୁଡ଼ିକ ଉପରେ ଥିବା ଅଭିଯୋଗ ସମ୍ପର୍କରେ ଏକ ପ୍ରସ୍ତାବ ପ୍ରଣିତ କରିବ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟିକୁ ପଠାଇବ।

ଘ) ଏହି ଆଇନ୍ ରେ ଧାରା ୪ ର ଉପଧାରା (୨)ର ବାକ୍ୟାଂଶ (ଙ) ଅଧୀନରେ ପୁନଃ ଅବସ୍ଥାପନ ସହାୟତା ସମ୍ବନ୍ଧରେ ବିଚାର କରିପାରେ ଏବଂ,

ଙ) ଏହି ଆଇନର ଧାରା ୫ ଅନୁସାରେ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ଓ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ନିଜସ୍ୱ ସଭ୍ୟସଭ୍ୟାଙ୍କୁ ନେଇ କମିଟି ଗଠନ କରିପାରିବ ।

*ଚ) ଖଣ୍ଡ ଙ ଅଧିନରେ ଗଠିତ ସମିତି ଯେଉଁମାନେ ବନନିବାସୀ, ଅନୁସୂଚୀତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ସୁବିଧା ପାଇଁ ଏଭଳି ଗୋଷ୍ଠୀ ଜଙ୍ଗଲ ସମ୍ବଳର ଦୀର୍ଘସ୍ଥାୟୀ ତଥା ସମତା ରକ୍ଷାପୂର୍ବକ ପରିଚାଳନା ବ୍ୟବସ୍ଥା କରିବା ନିମନ୍ତେ ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଓ ପରିଚାଳନା ଯୋଜନା ପ୍ରସ୍ତୁତ କରି ଏହାର ତଦାରଖ / ନିରୀକ୍ଷଣ ଓ ନିୟନ୍ତ୍ରଣ କରିବ ଓ ଏହି ସଂରକ୍ଷଣ ଓ ପରିଚାଳନା ଯୋଜନାକୁ ବନବିଭାଗର ଅଣୁଯୋଜନା ବା କାର୍ଯ୍ୟ ଯୋଜନା ସହିତ, ସମିତି ଦ୍ୱାରା ଆବଶ୍ୟକ ମନେ କରାଯାଉଥିବା ପରିବର୍ତ୍ତନ ସହିତ ଏକିକୃତ କରାଯିବ।*

*ଛ) ପରିବହନ ପର୍ମିଟ୍, ଲଘୁବନଜାତ ଦ୍ରବ୍ୟର ଆୟ ବା ପରିଚାଳନା ଯୋଜନା ସମ୍ବନ୍ଧିତ କୌଣସି ପରିବର୍ତ୍ତନର ନିଷ୍ପତ୍ତି ସମିତିର ସଭ୍ୟମାନଙ୍କ ଦ୍ୱାରା ଅନୁମୋଦିତ ହେବ।*

“ (୨) କୋରମ ସେହି ଗ୍ରାମସଭା ସଦସ୍ୟ ସଂଖ୍ୟାର ଅଧାହେବା ଆବଶ୍ୟକ।

ଉଲ୍ଲେଖଯୋଗ୍ୟ ଯେ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଅତି କମ୍‌ରେ ଏକ ତୃତୀୟାଂଶ ମହିଳା ସଦସ୍ୟା ଉପସ୍ଥିତ ଥିବା ଆବଶ୍ୟକ।

ଆହୁରି ମଧ୍ୟ ଉଲ୍ଲେଖନୀୟ ଯେ ଯେଉଁ ବୈଠକରେ ଜଙ୍ଗଲ ଅଧିକାର ଦାବି ଉପରେ କୌଣସି ସଂକଳ୍ପନାମା ପାରିତ କରାଯାଉଛି ତେବେ ସେହି ବୈଠକରେ କିମ୍ବା ସେମାନଙ୍କର ପ୍ରତିନୀଧି ଅତି କମ୍‌ରେ ୫୦ ପ୍ରତିଶତ ଦାବିଦାର ଉପସ୍ଥିତ ହେବା ଆବଶ୍ୟକ।

ଆହୁରି ମଧ୍ୟ ଉଲ୍ଲେଖନୀୟ ଯେ “ଏଭଳି ସଂକଳ୍ପନାମା ବୈଠକରେ ଉପସ୍ଥିତ ଓ ମତ ଦେଉଥିବା ସଦସ୍ୟମାନଙ୍କ ସାଧାରଣ ବହୁମତ ଦ୍ୱାରା ଗୃହୀତ ହେବ।”

୩) ରାଜ୍ୟର କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷମାନଙ୍କ ଦ୍ୱାରା ଆବଶ୍ୟକୀୟ ସହଯୋଗ ଗ୍ରାମସଭାମାନଙ୍କୁ ଯୋଗାଇ ଦିଆଯିବ ।

**୫. ଉପଖଣ୍ଡସ୍ତରୀୟ କମିଟି :**

ରାଜ୍ୟ ସରକାର ନିମ୍ନଲିଖିତ ସଭ୍ୟ / ସଭ୍ୟାଙ୍କୁ ନେଇ ଉପଖଣ୍ଡ ସ୍ତରୀୟ କମିଟି ଗଠନ କରିବେ, ଯଥା :

କ) ଉପଖଣ୍ଡ ସ୍ତରୀୟ ଅଧିକାରୀ କିମ୍ବା ଉକ୍ତ ପାହ୍ୟାର ଅଧିକାରୀ – କମିଟି ମୁଖ୍ୟ

ଖ) ଏକ ଉପଖଣ୍ଡର ଦାୟିତ୍ୱରେ ଥିବା ଜଙ୍ଗଲ ଅଧିକାରୀ କିମ୍ବା ଉକ୍ତ ପାହ୍ୟାର ଅଧିକାରୀ – ସଭ୍ୟ

ଗ) ଜିଲ୍ଲା ପଞ୍ଚାୟତ ଦ୍ୱାରା ମନୋନୀତ ହୋଇଥିବା ବ୍ଲକ୍ କିମ୍ବା ତହସିଲ ସ୍ତରୀୟ ପଞ୍ଚାୟତର ୩ ଜଣ ସଭ୍ୟ/ସଭ୍ୟା ଯେଉଁମାନଙ୍କ ମଧ୍ୟରୁ ଅତି କମ୍‌ରେ ୨ ଜଣ ଅନୁସୂଚୀତ ଜନଜାତିର ହୋଇଥିବେ ଓ ସ୍ୱାଭାବିକ ଭାବେ ସେମାନେ ଜଙ୍ଗଲ ଉପରେ ନିର୍ଭରଶୀଳ କିମ୍ବା ସେମାନେ ଆଦିମ ଅଧିବାସୀ ଗୋଷ୍ଠୀର ହୋଇଥିବେ। ଯେଉଁ କ୍ଷେତ୍ରରେ ଅନୁସୂଚୀତ ଜନଜାତିର ସଭ୍ୟ/ସଭ୍ୟା ନଥିବେ, ୨ ଜଣ ସଭ୍ୟ/ସଭ୍ୟା ଯେଉଁମାନେ ମୂଳତଃ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ହୋଇଥିବେ ଏବଂ ତନ୍ମଧ୍ୟରୁ ଜଣେ ମହିଳା ସଭ୍ୟ ହୋଇଥିବେ, କିମ୍ବା ସମ୍ବିଧାନର ୬ଷ୍ଠ ଅନୁଚ୍ଛେଦ ଅଧୀନରେ ଉକ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇଥିବ, ସ୍ୱୟଂଶାସିତ ଜିଲ୍ଲା ପରିଷଦ କିମ୍ବା ଆଞ୍ଚଳିକ ପରିଷଦ କିମ୍ବା ଅନ୍ୟାନ୍ୟ ଉପଯୁକ୍ତ ଆଞ୍ଚଳିକ ସ୍ତର ଦ୍ୱାରା ମନୋନୀତ ୩ ଜଣ ସଭ୍ୟ/ସଭ୍ୟା ଯେଉଁମାନଙ୍କ ମଧ୍ୟରୁ ଅତିକମ୍‌ରେ ଜଣେ ମହିଳା ସଭ୍ୟ ହୋଇଥିବେ ଏବଂ

ଘ) ଉପଖଣ୍ଡ ଦାୟିତ୍ୱରେ ଥିବା ଆଦିବାସୀ କଲ୍ୟାଣବିଭାଗର ଜନୈକ ଅଧିକାରୀ କିମ୍ବା ଯେଉଁଠାରେ ଏଭଳି ଅଧିକାରୀ ନାହାନ୍ତି, ସେଠାରେ ଆଦିବାସୀ ବ୍ୟାପାର ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ଦାୟିତ୍ୱ ତୁଲାଇବେ ।

**୬. ଉପଖଣ୍ଡସ୍ତରୀୟ କମିଟିର କାର୍ଯ୍ୟ :**

କ) ପ୍ରତ୍ୟେକ ଗ୍ରାମସଭାକୁ ସେମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଓ ତଥ୍ୟ ପ୍ରଦାନ କରିବା ଏବଂ ଜୈବ ବିବିଧତା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୃକ୍ଷଲତା ଓ ଜୀବଜନ୍ତୁ ଯେଉଁମାନଙ୍କର ସଂରକ୍ଷଣ ଆବଶ୍ୟକ ତଥା ବନ୍ୟଜନ୍ତୁ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ ଅନ୍ୟମାନଙ୍କର ଓ ଜଙ୍ଗଲ ଅଧିକାରଗୁଡ଼ିକର ଅଧିକାରୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ସେମାନଙ୍କୁ ଅବଗତ କରାଇବା।

ଖ) ଜଙ୍ଗଲ ଅଧିକାର କମିଟି କିମ୍ବା ଗ୍ରାମସଭାକୁ ଜଙ୍ଗଲ ଓ ରାଜସ୍ୱ ମାନଚିତ୍ର ଏବଂ ଭୋଟର ତାଲିକା ପ୍ରଦାନ କରିବା।

ଗ) ସମ୍ପୃକ୍ତ ଗ୍ରାମସଭାଗୁଡ଼ିକର ପ୍ରସ୍ତାବନା ଗୁଡ଼ିକ ମିଳାଇ ଦେଖିବା।

ଘ) ଗ୍ରାମସଭା ଦ୍ୱାରା ପ୍ରଦାନ କରାଯାଇଥିବା ଏକତ୍ରିକରଣ ମାନଚିତ୍ର ଏବଂ ତହିଁର ବିବରଣୀକୁ ଦେଖିବା।

ଙ) ଅଭିଯୋଗଗୁଡ଼ିକର ବିବିଧତାକୁ ଉତ୍ତମରୂପେ ବୁଝିବା ପାଇଁ ଗ୍ରାମସଭାର ମାନଚିତ୍ର ଓ ପ୍ରସ୍ତାବନାକୁ ପରୀକ୍ଷା କରିବା।

ଚ) ଜଙ୍ଗଲ ଅଧିକାରର ବ୍ୟାପକତା ଓ ପ୍ରକାରଭେଦ ସମ୍ବନ୍ଧରେ ଗ୍ରାମସଭାଗୁଡ଼ିକ ମଧ୍ୟରେ ଥିବା ବିବାଦର ଶୁଣାଣି ଓ ବିଚାରକ ଭାବେ କାର୍ଯ୍ୟ କରିବା।

ଛ) ଗ୍ରାମସଭାଗୁଡ଼ିକର ପ୍ରସ୍ତାବନା ଦ୍ୱାରା କ୍ଷତିଗ୍ରସ୍ତ ରାଜ୍ୟ ସ୍ତରୀୟ ଅନୁଷ୍ଠାନ ସହିତ ବ୍ୟକ୍ତିବିଶେଷମାନଙ୍କର ଲିଖିତ ଆବେଦନଗୁଡ଼ିକର ଶୁଣାଣି।

ଜ) ଆନ୍ତଃ ଉପଖଣ୍ଡୀୟ ଅଭିଯୋଗଗୁଡ଼ିକ ପାଇଁ ଅନ୍ୟ ଉପଖଣ୍ଡ ସ୍ତରୀୟ କମିଟି ଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା।

ଝ) ସରକାରୀ ନଥିପତ୍ରଗୁଡ଼ିକର ସହମତି ଭିତ୍ତିରେ ପ୍ରସ୍ତାବିତ ଜଙ୍ଗଲ ଅଧିକାରଗୁଡ଼ିକର ବ୍ଲକ୍ ଓ ତହସିଲ ଅନୁଯାୟୀ ନଥି ପ୍ରସ୍ତୁତ କରିବା।

ଞ) ସର୍ବଶେଷ ନିଷ୍ପତ୍ତି ନିମନ୍ତେ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ଜିଲ୍ଲା ସ୍ତରୀୟ କମିଟିକୁ ପ୍ରସ୍ତାବିତ ଜଙ୍ଗଲ ଅଧିକାରଗୁଡ଼ିକର ଚିଠାନଥି ସହିତ ଅଭିଯୋଗଗୁଡ଼ିକୁ ପଠାଇବା ।

ଟ) ନିୟମ ଓ ଆଇନ ଅଧୀନରେ ସ୍ଥାପିତ ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ପ୍ରଣାଳୀଗୁଡ଼ିକ ସମ୍ବନ୍ଧରେ ଜଙ୍ଗଲ ଅଧିବାସୀମାନଙ୍କଠାରେ ସଚେତନତା ବୃଦ୍ଧି କରିବା ।

***ଠ) ଏହି ନିୟମର ପରିଶିଷ୍ଟ – ୧ (ଫର୍ମ କ, ଖ ଏବଂ ଗ) ଅନୁଯାୟୀ ଦାବିଦାରକୁ ଦାବିଫର୍ମ ସହଜରେ ତଥା ବିନାମୂଲ୍ୟରେ ଉପଲବ୍ଧ କରାଇବାର ନିଶ୍ଚିତ କରିବ।"***

ଡ) ଆବଶ୍ୟକୀୟ କୋରମ୍ ସହିତ ମୁକ୍ତ, ଅବାଧ ଓ ଉପଯୁକ୍ତ ଢଙ୍ଗରେ ଗ୍ରାମସଭା ବୈଠକଗୁଡ଼ିକର ପରିଚାଳନା ନିଶ୍ଚିତ କରିବା ।

**୭. ଜିଲ୍ଲାସ୍ତରୀୟ କମିଟି :**

**ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ରାଜ୍ୟ ସରକାର ଜିଲ୍ଲା ସ୍ତରୀୟ କମିଟି ଗଠନ କରିବେ । ଯଥା :**

କ) ଜିଲ୍ଲାପାଳ କିମ୍ବା ଉପାୟୁକ୍ତ – କମିଟି ମୁଖ୍ୟ ।

ଖ) ସମ୍ପୃକ୍ତ ବନଖଣ୍ଡ ଅଧିକାରୀ କିମ୍ବା ସମ୍ପୃକ୍ତ ବନ ଉପ-ସଂରକ୍ଷକ – ସଭ୍ୟ ।

ଗ) ଜିଲ୍ଲା ପଞ୍ଚାୟତ ଦ୍ୱାରା ମନୋନୀତ ହେବାକୁ ଥିବା ଜିଲ୍ଲା ପଞ୍ଚାୟତର ୩ ଜଣ ସଭ୍ୟ/ସଭ୍ୟା ଯେଉଁମାନଙ୍କ ମଧ୍ୟରୁ ଅତି କମ୍‌ରେ ଦୁଇ ଜଣ ଅନୁସୂଚୀତ ଆଦିବାସୀ ଏବଂ ସେମାନେ ଜଙ୍ଗଲଉପରେ ନିର୍ଭରଶୀଳ ହୋଇଥିବା ବାଞ୍ଛନୀୟ କିମ୍ବା ସେମାନେ ଆଦିମ ଆଦିବାସୀ ଗୋଷ୍ଠୀର ସଭ୍ୟମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବେ । ଯେଉଁଠାରେ ଅନୁସୂଚୀତ ଜନଜାତି ନାହାନ୍ତି ସେ କ୍ଷେତ୍ରରେ ଏହି ଦୁଇ ଜଣ ସଭ୍ୟ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ ହୋଇଥିବା ବାଞ୍ଛନୀୟ ଏବଂ ତନ୍ମଧ୍ୟରୁ ଜଣେ ମହିଳା ସଭ୍ୟ ହୋଇଥିବା ଆବଶ୍ୟକ କିମ୍ବା ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଅଧୀନରେ ଉକ୍ତ ଅଞ୍ଚଳ ଅନ୍ତର୍ଭୁକ୍ତ ହୋଇଥିବା ଆବଶ୍ୟକ । ସ୍ୱୟଂଶାସିତ ଜିଲ୍ଲା ପରିଷଦ କିମ୍ବା ଆଞ୍ଚଳିକ ପରିଷଦ ଯେଉଁଠି ଅତି କମ୍‌ରେ ଜଣେ ମହିଳା ସଭ୍ୟ ହୋଇଥିବେ ଏବଂ ସେମାନଙ୍କ ଦ୍ୱାରା ମନୋନୀତ ତିନି ଜଣ ସଭ୍ୟ ଏବଂ,

ଘ) ଜିଲ୍ଲା ଦାୟିତ୍ୱରେ ଥିବା ଆଦିବାସୀ କଲ୍ୟାଣ ବିଭାଗୀୟ ଅଧିକାରୀ କିମ୍ବା ଯେଉଁଠାରେ ଏଭଳି ଅଧିକାରୀ ନାହାଁନ୍ତି, ସେ କ୍ଷେତ୍ରରେ ଆଦିବାସୀ ବ୍ୟାପାର ଦାୟିତ୍ୱରେ ଥିବା ଅଧିକାରୀ ଦାୟିତ୍ୱ ତୁଲାଇବେ।

୮. **ଜିଲ୍ଲାସ୍ତରୀୟ କମିଟିର କାର୍ଯ୍ୟ :**

କ) ନିୟମ ୬ର ଧାରା (ଖ) ଅଧିନରେ ଆବଶ୍ୟକୀୟ ସୂଚନା ଓ ତଥ୍ୟ ଜଙ୍ଗଲ ଅଧିକାର କମିଟି କିମ୍ବା ଗ୍ରାମସଭାକୁ ପ୍ରଦାନ କରାଯାଇଥିବା ବିଷୟକୁ ନିଶ୍ଚିତ କରିବା ।

ଖ) ଆଇନ୍‌ର ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଭାବେ ଆଦିମ ଆଦିବାସୀ ଗୋଷ୍ଠୀ, ପଶୁପାଳକ ତଥା ଯାଯାବର ଶ୍ରେଣୀୟ ଆଦିବାସୀମାନଙ୍କର ଅଭିଯୋଗଗୁଡ଼ିକ ସମାହିତ ହୋଇଛି କି ନାହିଁ ସେଗୁଡ଼ିକୁ ପରୀକ୍ଷା କରିବା।

ଗ) ଉପଖଣ୍ଡ ସ୍ତରୀୟ କମିଟି ଦ୍ୱାରା ପ୍ରସ୍ତୁତ ଜଙ୍ଗଲ ଅଧିକାରଗୁଡ଼ିକର ଅଭିଯୋଗ ଏବଂ ନଥିପତ୍ରକୁ ବିଚାର କରିବା ଏବଂ ପରିଶେଷରେ ଅନୁମୋଦନ କରିବା।

ଘ) ଉପଖଣ୍ଡ ସ୍ତରୀୟ କମିଟିର ଆଦେଶ ମୁତାବକ କ୍ଷତିଗ୍ରସ୍ତ ଲୋକମାନଙ୍କର ଲିଖିତ ଅଭିଯୋଗଗୁଡ଼ିକୁ ଶୁଣିବା ।

ଙ) ଆନ୍ତଃଜିଲ୍ଲା ଅଭିଯୋଗ ବିଷୟରେ ଅନ୍ୟ ଜିଲ୍ଲାମାନଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବା

ଚ) ନଥିଭୁକ୍ତ ଅଧିକାର ସମେତ ତତ୍ ସଂଲଗ୍ନ ଓ ପ୍ରାସଙ୍ଗିକ ସରକାରୀ ନଥିପତ୍ରଗୁଡ଼ିକର ଜଙ୍ଗଲ ଅଧିକାରଗୁଡ଼ିକୁ ସାମିଲ୍ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିବା।

***ଛ) ପରିସମାପ୍ତ ଘଟିଥିବା ଜଙ୍ଗଲ ଅଧିକାର ନଥି ଗୁଡ଼ିକର ପ୍ରକାଶନକୁ ନିଶ୍ଚିତ କରିବା***

***ଜ) ଏହି ନିୟମାବଳୀର ସଂଯୁକ୍ତିପତ୍ର ୨ ଓ ୩ ରେ ନିର୍ଦ୍ଦେଶିତ ହେଲାଭଳି, ଏହି ଆଇନ ଅଧିନରେ ଅଧିକାରପତ୍ର ଏବଂ ଜଙ୍ଗଲ ଅଧିକାରଗୁଡ଼ିକର ନଥିପତ୍ରର ଏକ ପ୍ରମାଣଯୋଗ୍ୟ ନକଲ ଯଥାକ୍ରମେ ସମ୍ପୃକ୍ତ ଅଭିଯୋଗକାରୀ ଓ ଗ୍ରାମସଭାକୁ ପ୍ରଦାନ କରାଯିବା ସମ୍ବନ୍ଧରେ ନିଶ୍ଚିତ କରିବା ଏବଂ,***

***ଝ) ଏହାକୁ ସୁନିଶ୍ଚିତ କରାଯିବ ଯେ ଆଇନ୍‌ର ଧାରା ୩ର ଉପଧାରା (୧)ର ଖଣ୍ଡ (ଝ) ଅଧିନରେ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ଓ ଅଧିକାରପତ୍ର ଯାହା ଏହି ନିୟମର ପରିଶିଷ୍ଟ ୪ରେ ନିର୍ଦ୍ଦିଷ୍ଟ ରହିଛି, ଏହାର ରେକର୍ଡ଼ର ପ୍ରମାଣପତ୍ର ସମ୍ପୃକ୍ତ ଗ୍ରାମସଭାକୁ ଅଥବା ସମୁଦାୟକୁ ପ୍ରଦାନ କରିବେ।”***

୯. **ରାଜ୍ୟସ୍ତରୀୟ ତଦାରଖ କମିଟି :**

**ରାଜ୍ୟ ସରକାର ନିମ୍ନଲିଖିତ ସଭ୍ୟ/ସଭ୍ୟାମାନଙ୍କୁ ନେଇ ଏକ ରାଜ୍ୟ ସ୍ତରୀୟ ତଦାରଖ କମିଟି ଗଠନ କରିବେ, ଯଥା:**

କ) ମୁଖ୍ୟ ଶାସନ ସଚିବ - ଅଧ୍ୟକ୍ଷ

ଖ) ଶାସନ ସଚିବ, ରାଜସ୍ୱ ବିଭାଗ – ସଭ୍ୟ

ଗ) ଶାସନ ସଚିବ, ଆଦିବାସୀ କିମ୍ବା ସମାଜ ମଙ୍ଗଳ ବିଭାଗ – ସଭ୍ୟ

ଘ) ଶାସନ ସଚିବ, ବନବିଭାଗ – ସଭ୍ୟ

ଙ) ଶାସନ ସଚିବ, ପଞ୍ଚାୟତିରାଜ ବିଭାଗ – ସଭ୍ୟ

ଚ) ପ୍ରଧାନ ମୁଖ୍ୟ ବନ ସଂରକ୍ଷକ – ସଭ୍ୟ

ଛ) ଆଦିବାସୀ ଉପଦେଷ୍ଟା ପରିଷଦର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ହୋଇଥିବା ଆଦିବାସୀ ଓ ଉପଦେଷ୍ଟା ପରିଷଦର ୩ ଜଣ ଅନୁସୂଚୀତ ଜନଜାତି ସଭ୍ୟ, ଏବଂ ଯେଉଁଠାରେ ଆଦିବାସୀ ଉପଦେଷ୍ଟା ପରିଷଦ ନାହିଁ, ସେ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା ୩ ଜଣ ଅନୁସୂଚୀତ ଜନଜାତି ସଭ୍ୟ ମନୋନୀତ ହେବେ।

ଜ) ଆଦିବାସୀ କଲ୍ୟାଣ ଆୟୁକ୍ତ କିମ୍ବା ଉକ୍ତ ପାହ୍ୟାର ଅଧିକାରୀ ସଦସ୍ୟ ସମ୍ପାଦକ ରୂପେ କାର୍ଯ୍ୟ କରିବେ।

**୧୦. ରାଜ୍ୟସ୍ତରୀୟ ତଦାରଖ କମିଟିର କାର୍ଯ୍ୟ :**

**ରାଜ୍ୟସ୍ତରୀୟ ତଦାରଖ କମିଟି ନିମ୍ନମତେ କାର୍ଯ୍ୟ କରିବ, ଯଥା-**

କ) ଜଙ୍ଗଲ ଅଧିକାରର ସ୍ୱୀକୃତି ଓ ପ୍ରଦାନ ସମ୍ବଳିତ ପ୍ରଣାଳୀର ତଦାରଖ ନିମନ୍ତେ ମାପକାଠି ଓ ମାନଦଣ୍ଡ ନିର୍ଦ୍ଧାରଣ କରିବେ।

ଖ) ରାଜ୍ୟରେ ଜଙ୍ଗଲ ଅଧିକାର ପ୍ରଦାନ, ଅନୁଧାନ ଓ ଅନୁମୋଦନ ପ୍ରକ୍ରିୟାର ତଦାରଖ କରିବା।

***ଗ) ଅତି କମ୍‌ରେ ତିନିମାସରେ ଗୋଟିଏ ଥର ଅଧିକାରର ମାନ୍ୟତା ପ୍ରଦାନ ପ୍ରକ୍ରିୟା, ଯାଞ୍ଚ ତଥା ଜଙ୍ଗଲ ଅଧିକାର ସ୍ୱୀକୃତିକୁ ତଦାରଖ / ପରୀକ୍ଷଣ କରିବା ପାଇଁ ବୈଠକ କରାଯିବ। କ୍ଷେତ୍ରୀୟସ୍ତରର ସମସ୍ୟା ଉପରେ ବିଚାର କରି ଏହାର ସମାଧାନ କରିବେ; ଏବଂ ଏହି ନିୟମର ପରିଶିଷ୍ଟ ୫ ଅନୁମୋଦିତ ହୋଇଥିବା ଫର୍ମାଟ୍ ଅନୁସାରେ ଦାବିର ସ୍ଥିତି, ଆଇନ ଅଧିନରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରି ଅନୁମୋଦନ କରାଯାଇଥିବା ଦାବିର ସ୍ଥିତି ନାକଚ ହୋଇଥିବା ଦାବିର କାରଣ ଯଦି କିଛି ଥାଏ, ପଡ଼ି ରହିଥିବା ଦାବିପତ୍ରର ସ୍ଥିତି ଓ ସୂଚନା ସଙ୍କଳନ କରି ତ୍ରୟମାସିକ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟକୁ ପ୍ରେରଣ କରିବେ"।***

ଘ) ଏହି ଆଇନ୍‌ର ଧାରା ୮ ଅନୁଯାୟୀ ନୋଟିସ୍ ପାଇଲା ପରେ କମିଟି ବିଭାଗୀୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଏହି ଆଇନ୍ ଅନୁଯାୟୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ।

ଙ) ଏହି ଆଇନ୍‌ର ଧାରା ୪ର ଉପଧାରା ୨ ଅଧୀନରେ ପୁନଃଥଇଥାନର ତଦାରଖ କରିବବେ।

***ଚ) ଧାରା ୩ର ଉପଧାରା (୧)ର ଖଣ୍ଡ (ଡ) ଏବଂ ଧାରା ୪ର ଉପଧାରା (୮) ରହିଥିବା ସମସ୍ତ ବିଷୟକୁ ସ୍ୱତନ୍ତ୍ର ଭାବରେ ତଦାରଖ / ନିରୀକ୍ଷଣ କରିବେ"।***

**୧୧. ଗ୍ରାମସଭାଦ୍ୱାରା ଅଭିଯୋଗ ଫର୍ଦ୍ଦ ଦାଖଲ ନିର୍ଦ୍ଧାରଣ ଓ ଯାଞ୍ଚ ପ୍ରଣାଳୀ :**

୧. କ) ଗ୍ରାମସଭା ଅଭିଯୋଗଗୁଡ଼ିକ ମଗାଇବେ ଓ ଏହି ନିୟମର ସଂଯୁକ୍ତିପତ୍ରରେ ଦିଆଯାଇଥିବା ଫର୍ମ ଅନୁସାରେ ଅଭିଯୋଗଗୁଡ଼ିକୁ ଗ୍ରହଣ କରିବାକୁ ଜଙ୍ଗଲ ଅଧିକାର କମିଟିକୁ କ୍ଷମତା ପ୍ରଦାନ କରିବେ ଏବଂ ଏହି ଅଭିଯୋଗଗୁଡ଼ିକ, ଅଭିଯୋଗ ଆହ୍ୱାନ କରାଯିବା ତାରିଖଠାରୁ ତିନିମାସ ମଧ୍ୟରେ ହେବା ଆବଶ୍ୟକ ଏବଂ ନିୟମ ୧୩ରେ ଉଲ୍ଲେଖଥିବା ଅନୁଯାୟୀ ଅତି କମ୍‌ରେ ଦୁଇଟି ସାକ୍ଷୀଙ୍କୁ ତିନି ମାସ ମଧ୍ୟରେ ଦେବାକୁ ହେବ।

ପ୍ରକାଶ ଥାଉକି, ଆବଶ୍ୟକସ୍ଥଳେ ଗ୍ରାମସଭା ଏହି ତିନି ମାସ ସମୟ ଅବଧିକୁ ବଢ଼ାଇ ପାରିବ କିନ୍ତୁ ଏହାର ଉପଯୁକ୍ତ କାରଣ ଲିଖିତ ଭାବେ ରଖିବା ଦରକାର।

ଖ) ଗ୍ରାମସଭା ଏହାର ଗୋଷ୍ଠୀ ଜଙ୍ଗଲ ସମ୍ବଳର ଆକଳନ ପ୍ରଣାଳୀ ଆରମ୍ଭ କରିବା ପାଇଁ ଏକ ତାରିଖ ସ୍ଥିର କରିବେ ଏବଂ ଉକ୍ତ ବିଷୟକୁ ଉପଖଣ୍ଡ ସ୍ତରୀୟ କମିଟି ଓ ନିକଟସ୍ଥ ଗ୍ରାମସଭାଗୁଡ଼ିକୁ ଅବଗତ କରିବେ ଯେଉଁଠାରେ ଏହି ଆକଳନ ବିଶେଷରୂପେ ଅନ୍ୟ ଗ୍ରାମ୍ୟସୀମାକୁ ଅତିକ୍ରମ କରିଛି।

୨) ଗ୍ରାମସଭାକୁ ନିଜର କାର୍ଯ୍ୟନିର୍ବାହ କରିବାରେ ଜଙ୍ଗଲ ଅଧିକାର କମିଟିଗୁଡ଼ିକ ନିମ୍ନମତେ ସହାୟତା କରିବେ :

କ) ନିର୍ଦ୍ଧାରିତ ଫର୍ମରେ ଅଭିଯୋଗଗୁଡ଼ିକୁ ଗ୍ରହଣ କରିବେ ଏବଂ ଉକ୍ତ ଅଭିଯୋଗଗୁଡ଼ିକର ସପକ୍ଷରେ ପ୍ରମାଣ ମଧ୍ୟ ଗ୍ରହଣ କରିବେ।

ଖ) ମାନଚିତ୍ର ସମେତ ଅଭିଯୋଗ ଓ ପ୍ରମାଣର ରେକର୍ଡ ପ୍ରସ୍ତୁତ କରିବେ।

ଗ) ଜଙ୍ଗଲ ଅଧିକାର ଉପରେ ଅଭିଯୋଗକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ।

ଘ) ଏହି ନିୟମଗୁଡ଼ିକର ପ୍ରଦତ୍ତ ଅଭିଯୋଗଗୁଡ଼ିକୁ ତଦାରଖ କରିବେ।

ଙ) ଅଭିଯୋଗଗୁଡ଼ିକର ବିଚାର ନିମନ୍ତେ ଗ୍ରାମସଭା ସମ୍ମୁଖରେ ଏହାର ପ୍ରଭାବ ଓ ସ୍ୱରୂପ ସମ୍ବନ୍ଧରେ ସେମାନଙ୍କର ତଥ୍ୟ ଉପସ୍ଥାପନ କରିବେ।

୩) ଜଙ୍ଗଲ ଅଧିକାର କମିଟି ଦ୍ୱାରା ଗୃହୀତ ସମସ୍ତ ଅଭିଯୋଗଗୁଡ଼ିକରେ ଲିଖିତଭାବେ ପ୍ରାପ୍ତି ସ୍ୱୀକାରୋକ୍ତି କରାଯିବ ।

***୪) ଏହି ନିୟମାବଳୀର ସଂଯୁକ୍ତିପତ୍ର ୧ରେ ଦିଆଯାଇଥିବା ଫର୍ମ "ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଫର୍ମ 'ଖ' ଓ ଗୋଷ୍ଠୀଗତ ଜଙ୍ଗଲ ସମ୍ବଳ ଅଧିକାର ଫର୍ମ 'ଗ'ରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ପାଇଁ ଜଙ୍ଗଲ ଅଧିକାର କମିଟି ଗ୍ରାମସଭା ତରଫରୁ ଅଭିଯୋଗଗୁଡ଼ିକୁ ମଧ୍ୟ ପ୍ରସ୍ତୁତ କରିବ ।***

୫) ଉପନିୟମ (୨)ର ଖଣ୍ଡ ୫ ଅଧୀନରେ ଜଙ୍ଗଲ ଅଧିକାର କମିଟିଠାରୁ ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ଓ ତଥ୍ୟ ପାଇବାପରେ, ପୂର୍ବ ବିଜ୍ଞପ୍ତି ଅନୁଯାୟୀ ଗ୍ରାମସଭା ବସେ ଏବଂ ଜଙ୍ଗଲ ଅଧିକାର କମିଟିର ତଥ୍ୟକୁ ବିଚାର କରେ, ଉପଯୁକ୍ତ ପ୍ରସ୍ତାବ ଗ୍ରହଣ କରେ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟିକୁ ପ୍ରେରଣ କରିବେ ।

୬) ଗ୍ରାମ ପଞ୍ଚାୟତର ସମ୍ପାଦକ (ସେକ୍ରେଟାରୀ) ଗ୍ରାମସଭାର କାର୍ଯ୍ୟ ସମ୍ପାଦନରେ ମଧ୍ୟ ସମ୍ପାଦକ (ସେକ୍ରେଟାରୀ) ରୂପେ କାର୍ଯ୍ୟ କରିବେ ।

**୧୨. ଜଙ୍ଗଲଅଧିକାର କମିଟି ଦ୍ୱାରା ଅଭିଯୋଗଗୁଡ଼ିକର ସତ୍ୟାସତ୍ୟ ନିରୂପଣ ପ୍ରଣାଳୀ :**

୧) ଜଙ୍ଗଲ ଅଧିକାର କମିଟି ଜଙ୍ଗଲ ବିଭାଗକୁ ଓ ସମ୍ପୃକ୍ତ ଅଭିଯୋଗକାରୀଙ୍କୁ ଉପଯୁକ୍ତ ରୂପେ ଅବଗତ କରାଇବା ପରେ,

କ) ସ୍ଥାନ ପରିଦର୍ଶନ କରିବେ ଏବଂ ଉକ୍ତ ସ୍ଥାନରେ ଅଭିଯୋଗର ସତ୍ୟାସତ୍ୟ ନିରୂପଣ କରିବେ ତଥା ଅଭିଯୋଗର ପ୍ରଗାଢ଼ତା ଓ ସ୍ୱରୂପକୁ ସ୍ଥୂଳଭାବରେ ତଦାରଖ କରିବେ।

ଖ) ଅଭିଯୋଗକାରୀ ଓ ସାକ୍ଷୀମାନଙ୍କଠାରୁ ଅଧିକ କିଛି ପ୍ରମାଣ ଓ ନଥି ଗ୍ରହଣ କରିବେ।

ଗ) ପଶୁପାଳକ ଏବଂ ଯାଯାବର ଶ୍ରେଣୀୟ ଆଦିବାସୀଙ୍କ ଠାରୁ ସେମାନଙ୍କର ଅଧିକାର ନିରୂପଣ ସଂକ୍ରାନ୍ତରେ ଏକକ ରୂପେ, ଗୋଷ୍ଠୀଗତ ଭାବେ କିମ୍ବା ପାରମ୍ପରିକ ଗୋଷ୍ଠୀ ଅନୁଷ୍ଠାନ ତରଫରୁ ଅଭିଯୋଗ ପାଇବା ପରେ ମାନଙ୍କର ବ୍ୟକ୍ତିଗତ, ଗୋଷ୍ଠୀଗତ ଉପସ୍ଥିତିରେ କିମ୍ବା ସେମାନଙ୍କର ପ୍ରତିନିଧିଙ୍କ ଉପସ୍ଥିତିରେ ତଦାରଖ ପ୍ରକ୍ରିୟାକୁ ନିଶ୍ଚିତ କରିବେ।

ଘ) ଏକ ଆଦିମ ଆଦିବାସୀ ଗୋଷ୍ଠୀ କିମ୍ବା ପ୍ରାକ୍ କୃଷିଜୀବି ଗୋଷ୍ଠୀର ସଭ୍ୟଙ୍କଠାରୁ ସେମାନଙ୍କର ବସତି ସ୍ଥାପନରେ ଅଧିକାର ନିରୂପଣ ସଂକ୍ରାନ୍ତୀୟ ଅଭିଯୋଗଗୁଡ଼ିକୁ ସେମାନଙ୍କର ଗୋଷ୍ଠୀ କିମ୍ବା ପାରମ୍ପରିକ ଗୋଷ୍ଠୀଗତ ଅନୁଷ୍ଠାନ ଜରିଆରେ ସେମାନଙ୍କର ଉପସ୍ଥିତିରେ କିମ୍ବା ସେମାନଙ୍କର ପ୍ରତିନିଧିମାନଙ୍କ ଉପସ୍ଥିତିରେ ସତ୍ୟାସତ୍ୟ ନିରୂପଣକୁ ନିଶ୍ଚିତ କରିବେ।

ଙ) ସ୍ପଷ୍ଟ ସଙ୍କେତ ଦର୍ଶାଇ ପ୍ରତ୍ୟେକ ଅଭିଯୋଗର କ୍ଷେତ୍ର ନିର୍ଦ୍ଧାରଣ କରୁଥିବା ଏକ ମାନଚିତ୍ର ପ୍ରସ୍ତୁତ କରିବେ।

***ଚ) ଗୋଷ୍ଠୀ ଜଙ୍ଗଲ ସମ୍ବଳର ପାରମ୍ପରିକ ସୀମାକୁ ଗ୍ରାମସଭାର ଅନ୍ୟ ସଦସ୍ୟଙ୍କ ସହିତ ବୟସ୍କ ବ୍ୟକ୍ତି ଯେଉଁମାନେ ଏହି ସୀମା ଏବଂ ପାରମ୍ପରିକ ବ୍ୟବହାର ବିଷୟରେ ବିଶେଷ ଭାବରେ ପରିଚିତ ଅଟନ୍ତି, ସେମାନଙ୍କ ଦ୍ୱାରା ଚିହ୍ନଟ କରାଯିବ"।***

***ଛ) ଚିହ୍ନଟ କଲାଭଳି ଭୂମିଚିହ୍ନ ସହିତ ଉପଯୁକ୍ତ ପ୍ରମାଣ ଯାହାର ଉପନିୟମ (୨) ଏବଂ ନିୟମ ୧୩ରେ ଉଲ୍ଲେଖ ଅଛି ତାକୁ ଭିତ୍ତିକରି ଏକ ଗୋଷ୍ଠୀ ଜଙ୍ଗଲ ସମ୍ବଳର ମାନଚିତ୍ର ପ୍ରସ୍ତୁତ କରାଯିବ ଏବଂ ଏହାପରେ ଅନୁମୋଦିତ ସାମୂହିକ ବନ ସମ୍ପଦର ଦାବି ଗ୍ରାମସଭାର ଏକ ସଙ୍କଳ୍ପନାମା ସହିତ ସାଧାରଣ ବହୁମତ ଦ୍ୱାରା ଗୃହୀତ ହେବ"।***

ସ୍ପଷ୍ଟିକରଣ :- ଗୋଷ୍ଠୀ ଜଙ୍ଗଲ ସମ୍ବଳର ଚିହ୍ନଟିକରଣ ସମୟରେ ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ ଜାତୀୟ ଉଦ୍ୟାନ ଏବଂ ଅଭୟାରଣ୍ୟର ସୀମା ମଧ୍ଯ ଅର୍ନ୍ତଭୁକ୍ତ କରାଯାଇ ପାରିବ ଏବଂ ସମୁଦାୟର ସେହି ଗୋଷ୍ଠୀ ଜଙ୍ଗଲ ସମ୍ବଳ ମଧ୍ଯକୁ ପ୍ରବେଶ, ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବ୍ୟବହାରର ଔପଚାରିକତାଙ୍କୁ ମାନ୍ୟତା ପ୍ରଦାନ କରାଯିବ।

୨) ତାହାପରେ ଜଙ୍ଗଲ ଅଧିକାର କମିଟି ଅଭିଯୋଗ ଉପରେ ନିଜସ୍ୱ ତଥ୍ୟ ସମ୍ବଳିତ ମତାମତକୁ ନଥିଭୁକ୍ତ କରି ବିଚାର ନିମନ୍ତେ ଗ୍ରାମସଭା ସମ୍ମୁଖରେ ଉପସ୍ଥାପିତ କରିବେ।

୩) ଯଦି ଅନ୍ୟ ଗ୍ରାମର ପାରମ୍ପରିକ କିମ୍ୱା ପ୍ରଚଳିତ ସୀମାକୁ ନେଇ ବିବାଦୀୟ ଅଭିଯୋଗ ଦେଖାଦିଏ କିମ୍ୱା ଯଦି ଗୋଟିଏ ବନାଞ୍ଚଳର ଏକାଧିକ ଗ୍ରାମସଭା ଦ୍ୱାରା ବ୍ୟବହୃତ ହେଉଥାଏ, ତେବେ ଉକ୍ତ ଗ୍ରାମସଭାଗୁଡ଼ିକର ଜଙ୍ଗଲ ଅଧିକାର କମିଟିଗୁଡ଼ିକଦ୍ୱାରା ଯୁଗ୍ମ ବୈଠକ ମାଧମରେ ଆସିଥିବା ଅଭିଯୋଗଗୁଡ଼ିକର ଉପଯୋଗର ସ୍ୱରୂପ ସମ୍ବନ୍ଧରେ ବିଚାର କରିବେ ଏବଂ ସେମାନଙ୍କର ମତାମତକୁ ଲିଖିତ ଭାବେ ଉକ୍ତ ଗ୍ରାମସଭାମାନଙ୍କୁ ପ୍ରଦାନ କରିବେ

ପ୍ରକାଶ ଥାଉକି ଯଦି ଗ୍ରାମସଭାଗୁଡ଼ିକ ବିବାଦୀୟ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଅସମର୍ଥ ହୁଅନ୍ତି, ତେବେ ଏହାର ସମାଧାନ ନିମନ୍ତେ ଗ୍ରାମସଭା ସେଗୁଡ଼ିକୁ ଉପଖଣ୍ଡ ସ୍ତରୀୟ କମିଟିକୁ ପଠାଇ ଦେବେ।

୪) ବିଭାଗୀୟ କର୍ତ୍ତୃପକ୍ଷ ଗ୍ରାମସଭା କିମ୍ୱା ଜଙ୍ଗଲ ଅଧିକାର କମିଟିଠାରୁ କୌଣସି ତଥ୍ୟ, ସୂଚନା, ନଥିପତ୍ର ପାଇଁ ଲିଖିତ ଅନୁରୋଧ ପାଇଲେ ଉକ୍ତ ଗ୍ରାମସଭାକୁ କିମ୍ୱା ଜଙ୍ଗଲ ଅଧିକାର କମିଟିକୁ ତହିଁରେ ଏକ ପ୍ରମାଣୀକୃତ ନକଲ ପ୍ରଦାନ କରିବେ ଓ ଆବଶ୍ୟକ କ୍ଷେତ୍ରରେ ଜନୈକ ଅଧିକୃତ ଅଧିକାରୀଙ୍କ ଜରିଆରେ ଏହାର ଅଭିବ୍ୟକ୍ତି ସ୍ପଷ୍ଟ କରିବାରେ ସହାୟକ ହେବେ।

**୧୨କ. ଅଧିକାର ସ୍ୱୀକୃତି ପ୍ରକ୍ରିୟା :-**

**୧) ଜଙ୍ଗଲ ଅଧିକାର କମିଟି ଠାରୁ ସୂଚନା ପ୍ରାପ୍ତ ହେବାପରେ ଜଙ୍ଗଲ ଓ ରାଜସ୍ୱ ବିଭାଗର ଅଧିକାରୀ କ୍ଷତ୍ରୀୟସ୍ଥଳରେ ଉପସ୍ଥିତ ରହିବେ ଓ ନିଜର ପଦବୀର ନାମ, ତାରିଖ ତଥା ଯଦି କିଛି ମନ୍ତବ୍ୟ ଥାଏ ତାହା ଲେଖି ସେଥିରେ ସ୍ୱାକ୍ଷର କରିବେ।**

**୨) ଗ୍ରାମସଭା ଦ୍ୱାରା ଅନୁମୋଦିତ କୌଣସି ଦାବିକୁ ଜଙ୍ଗଲ କିମ୍ୱା ରାଜସ୍ୱ ବିଭାଗ ସେମାନଙ୍କ ପ୍ରତିନିଧି ଯାଞ୍ଚ ପ୍ରକ୍ରିୟାରେ ଉକ୍ତ ଦିନ ଉପସ୍ଥିତ ନଥିବାର କାରଣ ଦର୍ଶାଇ ପରବର୍ତ୍ତୀ ତାରିଖରେ ଆପତ୍ତି ଉଠାନ୍ତି ତେବେ ତାହା ଗ୍ରାମସଭାକୁ ସୂଚୀତ କରି କମିଟି ଦ୍ୱାରା ପୂନଃ ଯାଞ୍ଚ ପାଇଁ କୁହାଯିବ ମାତ୍ର ଯଦି ସେମାନଙ୍କ ପ୍ରତିନିଧି ଯାଞ୍ଚ ପ୍ରକ୍ରିୟାରେ ପୁଣି ଅନୁପସ୍ଥିତ ରୁହନ୍ତି ତେବେ ଗ୍ରାମସଭା ଦ୍ୱାରା ହୋଇଥିବା କ୍ଷେତ୍ରୀୟ ଯାଞ୍ଚ ଚୂଡ଼ାନ୍ତ ଧରାଯିବ।**

**୩) ଗ୍ରାମ ଦ୍ୱାରା ଦାବିର ପରିବର୍ତ୍ତନ ଅଥବା ନାକଚ କ୍ଷେତ୍ରରେ କିମ୍ୱା ଉପଖଣ୍ଡ ସ୍ତରୀୟ କମିଟି ଦାବିର ପରିବର୍ତ୍ତନ କିମ୍ୱା ନାକଚ କରିବା ପାଇଁ ଜିଲ୍ଲାସ୍ତରୀୟ କମିଟିକୁ ସୁପାରିଶ କରିଥାନ୍ତି ତେବେ ସେଭଳି ନିଷ୍ପତ୍ତି କିମ୍ୱା ସୁପାରିଶକୁ ସଂପୃକ୍ତ ଦାବିଦାରକୁ ସୂଚୀତ କରିଦିଆଯିବ। ଯତ୍‌ଦ୍ୱାରା ଦାବିଦାର ସମ୍ପୃକ୍ତ ସ୍ତରରେ (ଜିଲ୍ଲାସ୍ତରୀୟ ବା ଉପଖଣ୍ଡସ୍ତରୀୟ)ଅପିଲ କରିପାରିବେ। ଅପିଲ କରିବାର ସମୟସୀମା ୬୦ଦିନ ରହିବ ଯାହା ଅଧିକ ୩୦ଦିନ ପାଇଁ ବୃଦ୍ଧି କରାଯାଇ ପାରିବ।**

**୪) ଯଦି ଅନ୍ୟ କୌଣସି ରାଜ୍ୟସଂସ୍ଥା (Agency) ଗ୍ରାମସଭା, ଉପଖଣ୍ଡସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟିର ନିଷ୍ପତ୍ତି ବିରୁଦ୍ଧରେ ଆପତ୍ତି କରିବାକୁ ଚାହାଁନ୍ତି ତେବେ ସେମାନେ ସମ୍ପୃକ୍ତ ସ୍ତରରେ (ଉପଖଣ୍ଡ ସ୍ତରୀୟ କିମ୍ୱା ଜିଲ୍ଲାସ୍ତରୀୟ କମିଟି) ନିକଟରେ ଅପିଲ କରିପାରିବେ। ଦାବିଦାରର ମନ୍ତବ୍ୟ ଶୁଣିଲାପରେ (ସମ୍ପୃକ୍ତ ସଂସ୍ଥାର ପ୍ରତିନିଧି ଯଦି କିଏ ଥାନ୍ତି ତାଙ୍କ ଅନୁପସ୍ଥିତିରେ) କମିଟି ନିଷ୍ପତ୍ତି ଗ୍ରହଣ କରିବେ।**

୫) ଦାବି ସପକ୍ଷରେ କରିବାର ଉପଯୁକ୍ତ ସୁଯୋଗ ଦିଅନଯାଇ ପ୍ରଭାବିତ ଦାବିଦାରର ଯାଚିକାକୁ ସମାପ୍ତ ଘୋଷଣା କରାଯାଇ ପାରିବ ନାହିଁ।

୬) ଉପଖଣ୍ଡ ସ୍ତରୀୟ କମିଟି ଅଥବା ଜିଲ୍ଲାସ୍ତରୀୟ କମିଟି ଗ୍ରାମସଭାର ସଙ୍କଳ୍ପନାମା ତଥା ସୁପାରିଶକୁ ଅସମ୍ପୂର୍ଣ୍ଣ ଅଥବା ଅଧିକ ପରୀକ୍ଷଣ ଆବଶ୍ୟକ ମନେ କରିବା ସ୍ଥଳେ ଦାବିପତ୍ରକୁ ପରିବର୍ତ୍ତନ ଅଥବା ନାକଚ କରିବା ବଦଳରେ ପୂନଃବିଚାର ନିମନ୍ତେ ପ୍ରେରଣ କରିବେ।

୭) ଯେଉଁ କ୍ଷେତ୍ରରେ ଗ୍ରାମସଭା ଦ୍ୱାରା କୌଣସି ଦାବିପତ୍ରକୁ ସୁପାରିଶ କରି ପାରିତ କରିଦିଆଯାଇଛି ଓ ତାକୁ ଉପଖଣ୍ଡ ସ୍ତରୀୟ କମିଟି ମଧ୍ୟ ସମର୍ଥନ କରିଛନ୍ତି କିନ୍ତୁ ଯଦି ତାହା ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଅନୁମୋଦିତ ହେଉନାହିଁ ତେବେ ଜିଲ୍ଲାସ୍ତରୀୟ କମିଟି ଗ୍ରାମସଭା ତଥା ଉପଖଣ୍ଡସ୍ତରୀୟ କମିଟିର ସୁପାରିଶକୁ ସ୍ୱୀକାର ନକରିବାର କାରଣ ଲିଖିତରୂପେ ଓ ଏହି ସଂକ୍ରାନ୍ତରେ ଜିଲ୍ଲା ସ୍ତରୀୟ କମିଟିର ନିର୍ଦ୍ଦେଶର ନକଲକୁ ସଂଲଗ୍ନ କରି ଦାବିଦାରକୁ ଉପଲବ୍ଧ କରାଇବେ।

୮) ଆଇନ୍‌ର ଧାରା ୩ର ଉପଧାରା (୧)ର ଖଣ୍ଡ (କ)ଅଧିନରେ ସ୍ୱୀକୃତିପ୍ରାପ୍ତ ଚାଷଜମି ସମ୍ବନ୍ଧିତ ଅଧିକାର ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହିବ ଓ ଏହାର ଅନ୍ତର୍ଗତ ଚାଷ କରିବାର ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକଳାପ ଯେପରିକି ପଶୁପାଳନ, ଫସଲ ଅମଳ ଓ ଫସଲ ଅମଳ ପରବର୍ତ୍ତୀ କାର୍ଯ୍ୟକଳାପ ନିମନ୍ତେ ଖଳା ଇତ୍ୟାଦି ନିମନ୍ତେ ସେହି ବନଭୂମିର ଅନ୍ତର୍ଭୁକ୍ତ ରହିବ।

୯) ନିୟମର ପରିଶିଷ୍ଟ ୨, ୩ ଏବଂ ୪ରେ ଉଲ୍ଲେଖିତ ଅଧିକାର ବନ୍ଦୋବସ୍ତ ଓ ଦାବିପତ୍ର ପ୍ରସ୍ତୁତି ପ୍ରକ୍ରିୟାର ସମାପ୍ତି ପରେ ରାଜସ୍ୱ ଓ ଜଙ୍ଗଲ ବିଭାଗ, ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରିବେ ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡ଼ରେ ସେହି ଜମି ରହିଛି ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡ଼ରେ ତାକୁ ସମ୍ମିଳିତ କରିବେ। ରାଜ୍ୟର ନିୟମର ପ୍ରାସଙ୍ଗିଗତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନିମାସର ସମୟସୀମା ମଧ୍ୟରେ ଏହାକୁ ସନ୍ନିବେଶ କରାଯିବ।

୧୦) ଗ୍ରାମସଭାର ସଙ୍କଳ୍ପନାମା ତଥା ସୁପାରିଶକୁ ଉପଖଣ୍ଡ ଅଥବା ଜିଲ୍ଲା ସ୍ତରୀୟ କମିଟି ଯଦି କିଛି ପରିବର୍ତ୍ତନ ଅଥବା ନାକଚ କରିଥାନ୍ତି ସେହି ସମସ୍ତ ନିର୍ଦ୍ଦେଶ କାରଣ ସହିତ ଉପଲବ୍ଧ ହେବ।

ଏହା ଉଲ୍ଲେଖଯୋଗ୍ୟ ଯେ ଦାବିର ସୁପାରିଶ କିମ୍ବା ନାକଚର କାରଣ କେବଳ ବୈଷୟିକ (ଟେକ୍ନିକାଲ) କିମ୍ବା ପ୍ରକ୍ରିୟାତ୍ମକ ଭିତ୍ତିରେ ହୋଇନଥିବ।

ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟିକୁ ବାଦ୍ ଦେଇ ବ୍ଲକ କିମ୍ବା ପଞ୍ଚାୟତ କିମ୍ବା ଫରେଷ୍ଟବିଟ୍ କିମ୍ବା ରେଞ୍ଜ ସ୍ତରରେ କିମ୍ବା କୌଣସି ସ୍ତରର ବ୍ୟକ୍ତିଗତ ଅଧିକାରୀ ଦାବିପତ୍ର ଗ୍ରହଣ କିମ୍ବା ନାକଚ, ପରିବର୍ତ୍ତନ କିମ୍ବା ଜଙ୍ଗଲ ଅଧିକାର ଦାବି ଉପରେ ନିଷ୍ପତ୍ତି ନେଇ ପାରିବେ ନାହିଁ।

୧୧) ଉପଖଣ୍ଡ ଅଥବା ଜିଲ୍ଲା ସ୍ତରୀୟ କମିଟି ଏଭଳି କୌଣସି ଦାବିପତ୍ର ଯାହା ସହିତ ନିୟମ ୧୩ ରେ, ଉଲ୍ଲେଖ ଅନୁଯାୟୀ ଯେକୌଣସି ଦୁଇଟି ପ୍ରମାଣ ସଂଲଗ୍ନ ରହିଛି ଓ ଯାହାକୁ ଗ୍ରାମସଭା ଦ୍ୱାରା ସୁପାରିଶ କରାଯାଇଛି ତାକୁ ବିସ୍ତୃତ କାରଣ ଲିଖିତ ଭାବରେ ନଜଣାଇ ନାମଞ୍ଜୁର କରିପାରିବେ ନାହିଁ। ଆହୁରି ମଧ୍ୟ କୌଣସି ଦାବିପତ୍ରକୁ ବିଚାରକୁ ନେବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ପ୍ରକାର ପ୍ରମାଣ ପାଇଁ ଜୋର୍ ଦେଇପାରିବେ ନାହିଁ।

ସ୍ପଷ୍ଟିକରଣ :- (୧) ପ୍ରଶାସନିକ କାର୍ଯ୍ୟକଳାପ ମଧ୍ୟରେ ବାହାରିଥିବା ଜୋରିମାନାର ରସିଦ୍, ଜବରଦଖଲ ସୂଚୀ, ମୂଖ୍ୟ ଅପରାଧ ରିପୋର୍ଟ, ଜଙ୍ଗଲ ବନ୍ଦୋବସ୍ତ ରିପୋର୍ଟ, ସେହି ସମ୍ବନ୍ଧୀୟ ବିବରଣୀ, ଇତ୍ୟାଦି ଦାବିପତ୍ର ସହିତ ସଂଲଗ୍ନ କରିନପାରିବା, ଦାବିପତ୍ର  ନାକଚ କରିବାର ଏକମାତ୍ର କାରଣ ହେବନାହିଁ।

(୨) ଉପଗ୍ରହ ଚିତ୍ର ଓ ପ୍ରଯୁକ୍ତିବିଦ୍ୟାର ଅନ୍ୟ ଉପଯୋଗ ପ୍ରମାଣ ପାଇଁ ଅନୁରୂପ ହୋଇପାରିବ ମାତ୍ର ଏହାକୁ କେବଳମାତ୍ର ବିକଳ୍ପ ଭାବରେ ଧରାଯିବ ନାହିଁ।

୧୨ ଖ. ଗୋଷ୍ଠୀ ଅଧିକାର ସ୍ୱୀକୃତିର ପ୍ରକ୍ରିୟା –

୧) ଜିଲ୍ଲାସ୍ତରୀୟ କମିଟି ବନବାସୀଙ୍କ ମଧ୍ୟରେ ଥିବା ସ୍ୱତନ୍ତ୍ର ଅସୁରକ୍ଷିତ ଜନଜାତି ସମୂହର ସ୍ୱାତନ୍ତ୍ରୀୟତାକୁ ଦୃଷ୍ଟିରେ ରଖି ସୁନିଶ୍ଚିତ କରିବ ଯେ ଆଇନର ଧାରା ୩ର ଉପଧାରା ୫, ର ଖଣ୍ଡ (ଡ) ରେ ଉଲ୍ଲେଖ ଥିବା ସମସ୍ତ ସ୍ୱାତନ୍ତତା ଅସୁରକ୍ଷିତ ଜନଜାତିର ପାରମ୍ପରିକ ଅନୁଷ୍ଠାନର ପରାମର୍ଶରେ ସେମାନଙ୍କ ପିଢ଼ (ଆବାସ)ର ଅଧିକାର ଦିଆଯିବ। ପିଢ଼ର ଅଧିକାର ନିମନ୍ତେ ସେମାନଙ୍କର ଦାବିପତ୍ର ସମ୍ପୃକ୍ତ ଗ୍ରାମସଭାରେ ଉପସ୍ଥାପନ କରିବେ। ଯେଉଁଠାରେ ସେମାନଙ୍କର ଗ୍ରାମସଭା ଅସ୍ଥିର / ଭାସମାନସ୍ଥିତରେ ରହିଛି ଆବଶ୍ୟକ ସ୍ଥଳେ ସେହି ଗ୍ରାମସଭାକୁ ମଧ୍ୟ ମାନ୍ୟତା ଦିଆଯିବ।

୨) ଜିଲ୍ଲାସ୍ତରୀୟର କମିଟି ସମ୍ପୃକ୍ତ ଗ୍ରାମସଭା ନିକଟରେ ଆଇନ୍‌ର ଧାରା ୩ର ଉପଧାରା (୫) ର ଖଣ୍ଡ (ଘ) ରେ ଉଲ୍ଲେଖିତ ପଶୁପାଳକ, ଋତୁକାଳୀନ ଯାଯାବର ପଶୁପାଳକଗୋଷ୍ଠୀ ତଥା ଯାଯାବର ସମୁଦାୟର ଦାବିପତ୍ରକୁ ଉପସ୍ଥାପନ କରିବାର ପ୍ରକ୍ରିୟାକୁ ସୁଗମ କରିବ।

୩) ଜିଲ୍ଲାସ୍ତରୀୟ କମିଟି ଏହା ନିଶ୍ଚିତ କରିବ ଯେ ଆଇନ୍‌ର ଧାରା ୩ ର ଉପଧାରା (୧) ର ଖଣ୍ଡ (ଝ) ଅଧିନରେ କୌଣସି ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପୁନଃଜନନ, ସଂରକ୍ଷଣ କିମ୍ବା ପରିଚାଳନାର ଅଧିକାର ଯାହାକୁ ବନବାସୀ ପାରମ୍ପରିକ ରୂପେ ଦୀର୍ଘସ୍ଥାୟୀ ଉପଯୋଗ ନିମନ୍ତେ ସୁରକ୍ଷା ଓ ସଂରକ୍ଷଣ କରୁଛନ୍ତି ତାକୁ ସମସ୍ତ ଗ୍ରାମଗୁଡ଼ିକୁ ସ୍ୱୀକୃତି ପ୍ରଦାନ କରି ଅଧିକାରପତ୍ର ପାରିତ କରିବାର ବ୍ୟବସ୍ଥା କରିବେ।

୪) ଯଦି ଗୋଟିଏ  ଗ୍ରାମର ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତି ଦିଆଯାଉନାହିଁ ତେବେ ସେହି କ୍ଷେତ୍ରରେ ଜିଲ୍ଲାସ୍ତରୀୟ କମିଟିର ସଚିବ ଦ୍ୱାରା ଏହାର କାରଣ ରେକର୍ଡ଼ ହୋଇ ରହିବ।

୫) ଆଇନ୍‌ର ଧାରା ୩ର ଖଣ୍ଡ (ଜ) ର ଉଲ୍ଲେଖ ଅନୁଯାୟୀ ଜଙ୍ଗଲ ଗ୍ରାମ ଅଣ-ରେକର୍ଡ଼ଭୁକ୍ତ ବସତିର ପରିବର୍ତ୍ତନ ସମୟରେ ବର୍ତ୍ତମାନ ତଥା ଭବିଷ୍ୟତରେ ସାମୁଦାୟୀକ ବ୍ୟବହାର ପାଇଁ ଆବଶ୍ୟକୀୟ ସ୍କୁଲ, ସ୍ୱାସ୍ଥ୍ୟ ସୁବିଧା ତଥା ସର୍ବସାଧାରଣ କ୍ଷେତ୍ର ଇତ୍ୟାଦି ବାସ୍ତବିକ ଭୂମିର ଉପଯୋଗ ସାମଗ୍ରୀକ ଭାବରେ ଏହାର ଅନ୍ତର୍ଭୁକ୍ତ ହେବ"।

୧୩. ଜଙ୍ଗଲଅଧିକାର ନିର୍ଦ୍ଧାରଣ ନିମନ୍ତେ ପ୍ରମାଣ :

୧. ଏତଦ୍ ବ୍ୟତୀତ, ଜଙ୍ଗଲ ଅଧିକାର ସ୍ୱୀକୃତି ଏବଂ ପ୍ରଦାନ ପାଇଁ ପ୍ରମାଣ ମଧ୍ୟରେ ନିମ୍ନ ଲିଖିତ ବିଷୟ ଗୁଡ଼ିକ ଅନ୍ତର୍ଭୁକ୍ତ ଯଥା:

କ) ସର୍ବସାଧାରଣ ସଂକ୍ରାନ୍ତ ଦଲିଲ, ସରକାରୀନଥି ଯଥା : ଭୌଗଳିକ ସୂଚୀପତ୍ର, ଜନଗଣନା, ସର୍ବେକ୍ଷଣ ଏବଂ ବନ୍ଦୋବସ୍ତ ନଥିପତ୍ର, ମାନଚିତ୍ରାବଳୀ, ଉପଗ୍ରହ ପ୍ରେରିତ ଚିତ୍ରସମୂହ, କାର୍ଯ୍ୟକାରୀ ଯୋଜନାବଳୀ, ପରିଚାଳନା ଯୋଜନା, ଏକକ ଯୋଜନା, ଜଙ୍ଗଲ ଅନୁସନ୍ଧାନ ମୂଳକ ନଥିପତ୍ର ଓ ରିପୋର୍ଟ, ଜଙ୍ଗଲ ସଂପର୍କିତ ଅନ୍ୟାନ୍ୟ ନଥିପତ୍ର, ନଥିଭୁକ୍ତ ଅଧିକାର ଗୁଡ଼ିକ ଯଥା: ଜମିପଟ୍ଟା ଓ ଲିଜ୍, ସରକାରଙ୍କ ଦ୍ୱାରା ଗଠିତ ଆୟୋଗ ଓ କମିଟିଗୁଡ଼ିକର ରିପୋର୍ଟ, ସରକାରୀ ଆଦେଶ ଓ ନିର୍ଦ୍ଦେଶନାମା, ବିଜ୍ଞପ୍ତି, ଆଦେଶପତ୍ର ଓ ଆନୁଷ୍ଠାନିକ ପ୍ରସ୍ତାବ

ଖ) ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରମାଣପତ୍ର ଯଥା: ଫଟୋ ପରିଚୟ ପତ୍ର, ପଡ଼ିପତ୍ର, ପାସ୍‌ପୋର୍ଟ, ଘର ଖଜଣାପାଉତି, ବାସସ୍ଥାନ ପ୍ରମାଣପତ୍ର ।

ଗ) ସ୍ଥାବର ସଂପତ୍ତି ଯଥା : ଘର, କୁଡ଼ିଆ ଘର, ଜମି ସମାନ୍ତରିକରଣ, ହୁଡ଼ା ନିର୍ମାଣ ଓ ଜଳ ରଖିବା ନିମନ୍ତେ ବନ୍ଧ ଭଳି ସ୍ଥାୟୀ ଭୂ-ଉନ୍ନୟନ କାର୍ଯ୍ୟ ।

ଘ) ନ୍ୟାୟାଳୟର ଆଦେଶାବଳୀ ଓ ନିଷ୍ପତ୍ତି ସମେତ ନ୍ୟାୟାଳୟ ଏବଂ ବିଚାର ବିଭାଗୀୟ ନଥିପତ୍ର ।

ଙ) ଭାରତ ସରକାରଙ୍କର ନୃତତ୍ତ୍ୱ ବିଭାଗ ଭଳି ଖ୍ୟାତି ସମ୍ପନ୍ନ ଅନୁଷ୍ଠାନଗୁଡ଼ିକ ଦ୍ୱାରା କରାଯାଇଥିବା ଗବେଷଣାତ୍ମକ ଅଧ୍ୟୟନ, କୌଣସି ଜଙ୍ଗଲ ଅଧିକାରର ଦୃଷ୍ଟାନ୍ତମୂଳକ ଉପଯୋଗ ସମ୍ବଳିତ ପ୍ରଥା, ପରମ୍ପରା ଏବଂ ପାରମ୍ପରିକ ଆଇନ୍ ସହ ଜଡିତ ଥିବା ଘଟଣାବଳୀର ଦଲିଲ୍‌କରଣ ।

ଚ) ତତ୍‌କାଳୀନ ରାଜତନ୍ତ୍ର ଅଧୀନସ୍ଥ ରାଜ୍ୟ କିମ୍ବା ପ୍ରଦେଶ କିମ୍ବା ତଦନୁରୂପ ମଧ୍ୟସ୍ଥ କାର୍ଯ୍ୟରେ ନିୟୋଜିତ ବ୍ୟକ୍ତିବିଶେଷଙ୍କଠାରୁ ପାଇଥିବା ଅନୁମୋଦନ, ରିହାତି, ବିଶେଷ ସୁବିଧା, ନଥିଭୁକ୍ତ ଅଧିକାର, ମାନଚିତ୍ର ସମେତ ଅନ୍ୟ କୌଣସି ନଥିପତ୍ର ।

ଛ) ପୁରୁଣାକାଳିଆ ପାରମ୍ପରିକ ଢ଼ାଞ୍ଚାକୁ ପ୍ରତିପାଦିତ କରୁଥିବା ସ୍ମାରକ ଯଥା : କୂପ, ଶ୍ମଶାନ, ପୂଜାପାର୍ବଣ ସ୍ଥଳୀ ।

ଜ) ପୂର୍ବ ଜମି ନଥିପତ୍ରରେ ଉଲ୍ଲେଖ ଥିବା ବ୍ୟକ୍ତିବିଶେଷଙ୍କର ବଂଶାବଳୀକୁ ସୂଚାଉ ଥିବା ବଂଶକ୍ରମ ଓ ବିବରଣୀ କିମ୍ବା ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଗ୍ରାମରେ ସ୍ଥାୟୀଭାବେ ବସବାସ କରୁଥିବା ଆଇନ ସମ୍ମତ ପ୍ରମାଣ ପତ୍ର।

ଝ) ଅଭିଯୋଗକାରୀମାନଙ୍କ ବ୍ୟତୀତ ସଂକ୍ଷିପ୍ତ ଭାବେ ଲିଖିତ ବୟସ୍କ ବ୍ୟକ୍ତିମାନଙ୍କର ବୟାନ।

୨) **ଏତଦ୍ ବ୍ୟତୀତ "ଗୋଷ୍ଠୀ ଜଙ୍ଗଲ ସମ୍ବଳ" ନିମନ୍ତେ ଏକ ପ୍ରାମାଣିକ ତଥ୍ୟ ଅନ୍ତର୍ଭୁକ୍ତ :**

କ) ଗୋଷ୍ଠୀଗତ ଅଧିକାର ଯଥା "ନିସ୍ତାର" ବା ସେହି ଭଳି ନାମରେ ନାମିତ ଅନ୍ୟ କିଛି।

ଖ) ପାରମ୍ପରିକ ଗୋଚର ଜମି, ମୂଳ ଓ କନ୍ଦା ସଂଗ୍ରହ ପାଇଁ ଜମି, ଗୋଖାଦ୍ୟ, ଖାଦ୍ୟ ଯୋଗ୍ୟ ବନ୍ୟ ଫଳ, ଏବଂ ଅନ୍ୟାନ୍ୟ ଲଘୁ ବନଜାତ ଦ୍ରବ୍ୟ, ମାଛଧରା ସ୍ଥାନ, ଜଳସେଚନ ପ୍ରଣାଳୀ, ମନୁଷ୍ୟ ଓ ପ୍ରାଣୀମାନଙ୍କ ବ୍ୟବହାର ନିମନ୍ତେ ଜଳର ଉତ୍ସ ଓ ବୈଦ୍ୟମାନଙ୍କର ଔଷଧୀୟବୃକ୍ଷ ସଂଗ୍ରହସ୍ଥଳୀ।

ଗ) ଆଞ୍ଚଳିକ ଗୋଷ୍ଠୀ ଦ୍ୱାରା ନିର୍ମିତ ଢ଼ାଞ୍ଚାଗୁଡ଼ିକର ଅବଶିଷ୍ଟାଂଶ, ପବିତ୍ର ବୃକ୍ଷ ସମୂହ, ତୋଟା ଏବଂ ପୁଷ୍କରିଣୀ କିମ୍ବା ନଦୀ ଅଞ୍ଚଳ, ଶ୍ମଶାନଘାଟ ବା କବରସ୍ଥଳୀ।

**ଘ) ସରକାରୀ ରେକର୍ଡ଼ ଅଥବା ପୂର୍ବରୁ ଶ୍ରେଣୀଭୁକ୍ତ ବର୍ତ୍ତମାନର ସଂରକ୍ଷିତ ଜଙ୍ଗଲ, ସୁରକ୍ଷିତ ଜଙ୍ଗଲ କିମ୍ବା ଗୋଚର କିମ୍ବା ଅନ୍ୟ ଗ୍ରାମର ସାମୂହିକ ଜମି, ନିସ୍ତରି ଜଙ୍ଗଲ।**

ଙ) ପୂର୍ବବର୍ତ୍ତୀ ଅଥବା ବର୍ତ୍ତମାନର ପାରମ୍ପରିକ କୃଷି ଅଭ୍ୟାସ।

୩) ଗ୍ରାମସଭା, ଉପଖଣ୍ଡ ସ୍ତରୀୟକମିଟି ଏବଂ ଜିଲ୍ଲା ସ୍ତରୀୟ କମିଟି ଜଙ୍ଗଲ ଅଧିକାରଗୁଡ଼ିକ ନିର୍ଦ୍ଧାରଣ କଲାବେଳେ ଉପରଲିଖିତ ଏକାଧିକ ପ୍ରମାଣ ସମୂହକୁ ବିଚାରକୁ ନେବେ।

**୧୪. ଉପଖଣ୍ଡସ୍ତରୀୟ କମିଟିକୁ ଲିଖିତ ଅଭିଯୋଗ :**

୧) କୌଣସି ବ୍ୟକ୍ତି ଗ୍ରାମସଭାର ପ୍ରସ୍ତାବ ଦ୍ୱାରା କ୍ଷତିଗ୍ରସ୍ତ ହେଲେ କିମ୍ବା ଅସନ୍ତୁଷ୍ଟ ହେଲେ ପ୍ରସ୍ତାବିତ ତାରିଖଠାରୁ ୬୦ ଦିନ ମଧ୍ୟରେ ଉପଖଣ୍ଡ ସ୍ତରୀୟ କମିଟି ନିକଟରେ ଅଭିଯୋଗ ଦାଖଲ କରିପାରିବେ।

୨) ଉପଖଣ୍ଡ ସ୍ତରୀୟ କମିଟି ଅଭିଯୋଗ ଶୁଣାଣି ନିମନ୍ତେ ଗୋଟିଏ ତାରିଖ ସ୍ଥିର କରିବେ ଏବଂ ସମ୍ପୃକ୍ତ ଗ୍ରାମସଭା ଓ ଅଭିଯୋଗକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ ସଙ୍ଗେସଙ୍ଗେ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଥିବା ଦିବସର ୧୫ ଦିନ ପୂର୍ବରୁ ଅଭିଯୋଗକାରୀଙ୍କ ଗ୍ରାମର ଏକ ସୁବିଧାଜନକ ସର୍ବସାଧାରଣ ସ୍ଥାନରେ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିବେ।

୩) ଉପଖଣ୍ଡ ସ୍ତରୀୟ କମିଟି ଅଭିଯୋଗକୁ ଗ୍ରହଣ, ଅଗ୍ରାହ୍ୟ କିମ୍ବା ସମ୍ପୃକ୍ତ ଗ୍ରାମସଭାର ପୁନଃ ବିଚାର ନିମନ୍ତେ ପଠାଇ ପାରନ୍ତି ।

୪) ଏହିରୂପେ ମତାମତ ଓ ବିଚାର ପାଇଁ ଅଭିଯୋଗଟି ଗୃହୀତ ହେବାର ୩୦ ଦିନ ମଧ୍ୟରେ ଗ୍ରାମସଭା ବୈଠକ ଅନୁଷ୍ଠିତ ହେବ, ଅଭିଯୋଗକାରୀଙ୍କୁ ବିଶେଷଭାବେ ଶୁଣିବେ, ତାହାକୁ ଆଧାର କରି ଏକ ପ୍ରସ୍ତାବ ଗ୍ରହଣ କରିବେ ଏବଂ ଏହାକୁ ଉପଖଣ୍ଡ ସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ।

୫) ଉପଖଣ୍ଡ ସ୍ତରୀୟ କମିଟି ଗ୍ରାମସଭାର ପ୍ରସ୍ତାବକୁ ବିଚାର କରିବେ ଏବଂ ଅଭିଯୋଗଟିକୁ ଗ୍ରହଣ କିମ୍ବା ଖାରଜ କରି ଉପଯୁକ୍ତ ଆଦେଶ ଗୃହୀତ କରିବେ।

୬) ବିନା ପକ୍ଷପାତରେ ବିଚାରାଧୀନ ଅଭିଯୋଗଗୁଡ଼ିକୁ ଉପଖଣ୍ଡ ସ୍ତରୀୟ କମିଟି ଅନ୍ୟାନ୍ୟ ଅଭିଯୋଗକାରୀଙ୍କ ଜଙ୍ଗଲ ଅଧିକାରଗୁଡ଼ିକର ନଥି ସହ ମିଳାଇ ଦେଖିବେ ଓ ପରୀକ୍ଷା କରିବେ ଏବଂ ସମ୍ପୃକ୍ତ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ଏହାକୁ ଜିଲ୍ଲା ସ୍ତରୀୟ କମିଟିକୁ ପ୍ରଦାନ କରିବେ।

୭) ଦୁଇ କିମ୍ବା ଅଧିକ ଗ୍ରାମସଭା ମଧ୍ୟରେ ବିବାଦ ଦେଖାଦେଲେ ଏବଂ ଗ୍ରାମସଭାମାନଙ୍କ ମଧ୍ୟରୁ କୌଣସି ଗୋଟିକର ଦରଖାସ୍ତ ମିଳିଲେ କିମ୍ବା ଜିଲ୍ଲାସ୍ତରୀୟ କମିଟି ବ୍ୟକ୍ତିଗତଭାବେ ବିବାଦର ସମାଧାନକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଗ୍ରାମ ସଭାମାନଙ୍କର ଏକ ଯୁଗ୍ମ ବୈଠକ ଡାକିବେ ଏବଂ ୩୦ ଦିନ ମଧ୍ୟରେ ଯଦି କୌଣସି ପାରସ୍ପରିକ ସହମତିଭିତ୍ତିକ ସମାଧାନ ନ ମିଳେ, ଉପଖଣ୍ଡ ସ୍ତରୀୟ କମିଟି ସମ୍ପୃକ୍ତ ଗ୍ରାମସଭାମାନଙ୍କର ଶୁଣାଣି ପରେ ବିବାଦର ସମାଧାନ କରିବେ ଏବଂ ଉପଯୁକ୍ତ ଆଦେଶ ଗୃହୀତ କରିବେ।

**୧୫. ଜିଲ୍ଲାସ୍ତରୀୟ କମିଟିକୁ ଲିଖିତ ଅଭିଯୋଗ :**

୧) ଉପଖଣ୍ଡ ସ୍ତରୀୟ କମିଟିର ନିଷ୍ପତ୍ତିରେ କ୍ଷତିଗ୍ରସ୍ତ ଓ ଅସନ୍ତୁଷ୍ଟ ଯେ କୌଣସି ବ୍ୟକ୍ତିବିଶେଷ ଉପଖଣ୍ଡ ସ୍ତରୀୟ କମିଟି ଦ୍ୱାରା ନିଷ୍ପତ୍ତିର ୬୦ ଦିନ ମଧ୍ୟରେ ଜିଲ୍ଲା ସ୍ତରୀୟ କମିଟି ନିକଟରେ ଲିଖିତ ଅଭିଯୋଗ କରିପାରିବେ ।

୨) ଜିଲ୍ଲା ସ୍ତରୀୟ କମିଟି ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ କରିବେ ଏବଂ ସମ୍ପୃକ୍ତ ଉପଖଣ୍ଡ ସ୍ତରୀୟ କମିଟି ଏବଂ ଲିଖିତ ଅଭିଯୋଗକାରୀଙ୍କୁ ଲିଖିତ ରୂପେ ଅବଗତ କରାଇବା ସଙ୍ଗେସଙ୍ଗେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିବା ଦିବାସର ଅତି କମ୍‌ରେ ୧୫ ଦିନ ପୂର୍ବରୁ ଗ୍ରାମର ଏକ ସୁବିଧାଜନକ ସର୍ବ ସାଧାରଣ ସ୍ଥାନରେ ଏକ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିବେ ।

୩) ଜିଲ୍ଲା ସ୍ତରୀୟ କମିଟି ଲିଖିତ ଅଭିଯୋଗଟିକୁ ଗ୍ରହଣ କିମ୍ବା ଅଗ୍ରାହ୍ୟ କିମ୍ବା ଏହାର ପୁନର୍ବିଚାର ନିମନ୍ତେ ସମ୍ପୃକ୍ତ ଉପଖଣ୍ଡ ସ୍ତରୀୟ କମିଟି ନିକଟକୁ ପ୍ରେରଣ କରିବେ।

୪) ପୁନର୍ବିଚାର ନିମନ୍ତେ ଗୃହୀତ ହେଲାପରେ, ଉପଖଣ୍ଡ ସ୍ତରୀୟ କମିଟି ଲିଖିତ ଅଭିଯୋଗକାରୀ ଓ ଗ୍ରାମସଭାଙ୍କୁ ସବିଶେଷ ଶୁଣିବେ ଏବଂ ନିଷ୍ପତ୍ତି ଗ୍ରହଣ କରିବା ସହିତ ଜିଲ୍ଲାସ୍ତରୀୟକମିଟିକୁ ଏ ବିଷୟରେ ଅବଗତ କରାଇବେ ।

୫) ତା'ପରେ ଜିଲ୍ଲା ସ୍ତରୀୟ କମିଟି ଲିଖିତ ଅଭିଯୋଗଟିକୁ ବିଚାର କରିବେ ଏବଂ ଏହି ଲିଖିତ ଅଭିଯୋଗଟିକୁ ଗ୍ରହଣ କିମ୍ବା ଖାରଜ କରି ଉପଯୁକ୍ତ ଆଦେଶ ଗୃହୀତ କରାଇବେ।

୬) ଜିଲ୍ଲା ସ୍ତରୀୟ କମିଟି ସରକାରୀ ନଥିରେ ଆବଶ୍ୟକୀୟ ସଂଶୋଧନ ନିମନ୍ତେ ଜିଲ୍ଲା ଆୟୁକ୍ତ କିମ୍ବା ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗକାରୀ /ଅଭିଯୋଗକାରୀ ମାନଙ୍କର ଜଙ୍ଗଲ ଅଧିକାରଗୁଡ଼ିକର ନଥି ପଠାଇବେ ।

୭) ଦୁଇ କିମ୍ବା ଅଧିକ ଉପଖଣ୍ଡ ସ୍ତରୀୟ କମିଟିଗୁଡ଼ିକର ଆଦେଶ ମଧ୍ୟରେ ଅସାମଞ୍ଜସ୍ୟ ଦେଖାଗଲେ, ଜିଲ୍ଲାସ୍ତରୀୟକମିଟି ବ୍ୟକ୍ତିଗତଭାବେ ପ୍ରଭେଦ ଗୁଡ଼ିକର ସମାଧାନକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଉପଖଣ୍ଡ ସ୍ତରୀୟ କମିଟିଗୁଡ଼ିକର ଏକ ଯୁଗ୍ମ ବୈଠକ ଡକାଇବେ ଏବଂ ଯଦି କୌଣସି ପାରସ୍ପରିକ ସହମତିଭିତ୍ତିକ ସମାଧାନ ନମିଳେ, ଜିଲ୍ଲାସ୍ତରୀୟକମିଟି ସମ୍ପୃକ୍ତ ଉପଖଣ୍ଡ ସ୍ତରୀୟ କମିଟିମାନଙ୍କୁ ସବିଶେଷ ଶୁଣିବା ପରେ ବିବାଦର ବିଚାର ବିଭାଗୀୟ ସମାଧାନ କରିବେ ଏବଂ ଉପଯୁକ୍ତ ଆଦେଶ ଗୃହୀତ କରିବେ ।

୧୬. ଜଙ୍ଗଲ ଅଧିକାରଧାରୀଙ୍କୁ ଅଧିକାର ପ୍ରାପ୍ତିର ପରବର୍ତ୍ତୀ ସହାୟତା ଓ ସହଯୋଗ।

ରାଜ୍ୟ ସରକାର ନିଜସ୍ୱ ବିଭାଗ, ବିଶେଷକରି ଆଦିବାସୀ ଓ ସମାଜ କଲ୍ୟାଣ, ପରିବେଶ ଓ ଜଙ୍ଗଲ, ରାଜସ୍ୱ, ଗ୍ରାମୀଣ ଉନ୍ନୟନ, ପଞ୍ଚାୟତରାଜ ତଥା ଅନ୍ୟାନ୍ୟ ବିଭାଗ ଯେଉଁମାନେ ବନବାସୀ ତଥା ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମାଧ୍ୟମରେ ନିଶ୍ଚିତ କରିବେ ଯେ ସମସ୍ତ ସରକାରୀ ଯୋଜନା ଯାହାର ଅନ୍ତର୍ଗତ ଜମିର ଉନ୍ନତିକରଣ, ଜମିକୁ ଉତ୍ପାଦନକ୍ଷମ କରିବା ନିମନ୍ତେ ସାହାଯ୍ୟ ଓ ଅନ୍ୟାନ୍ୟ ଜୀବିକା ସମ୍ବନ୍ଧୀୟ ଯୋଜନାକୁ ଆଇନ୍ ଅଧିନରେ ଜଙ୍ଗଲ ଅଧିକାରୀ ସ୍ୱୀକୃତି ପାଇଥିବା ବ୍ୟକ୍ତି ଓ ସମୁଦାୟକୁ ପ୍ରଦାନ କରିବେ।

## ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ
## (ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମାବଳୀ, ୨୦୦୭)
## ଭାରତ ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

### ଅନୁସୂଚୀ -୧
### (ନିୟମ ୬ (୦) ଦେଖ)
### ଫର୍ମ – କ
### ଜଙ୍ଗଲ ଜମିର ଅଧିକାର ପାଇଁ ଦାବି ଫର୍ମ
### (ନିୟମ ୧୧(୧) (କ) ଦେଖନ୍ତ)

(୧) ଦାବିଦାର(ମାନଙ୍କ) ଙ୍କ ନାମ :
(୨) ସ୍ୱାମୀ / ସ୍ତ୍ରୀଙ୍କ ନାମ :
(୩) ପିତା/ମାତାଙ୍କ ନାମ :
(୪) ଠିକଣା :
(୫) ଗ୍ରାମ :
(୬) ଗ୍ରାମ ପଞ୍ଚାୟତ :
(୭) ତହସିଲ୍ ବା ତାଲୁକା :
(୮) ଜିଲ୍ଲା :
(୯) (କ) ଆଦିବାସୀ : ହଁ / ନାଁ
(ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)
(ଖ) ଅନ୍ୟାନ୍ୟ ପାରମ୍ପାରିକ ବନବାସୀ : ହଁ / ନାଁ
(ଯଦି ସ୍ୱାମୀ ବା ସ୍ତ୍ରୀ ମଧ୍ୟରୁ କେହି ଆଦିବାସୀ ହୋଇଥିଲେ ପ୍ରମାଣପତ୍ର ସଂଲଗ୍ନ କରନ୍ତୁ)
(୧୦) ପରିବାରର ଅନ୍ୟ ସଦସ୍ୟ ମାନଙ୍କର ନାମ ଓ ବୟସ:
(ନିର୍ଭରଶୀଳ ଶିଶୁ ଓ ବୟସ୍କ ସହିତ)

**ଜମି ଉପରେ ଦାବିର ସ୍ୱରୂପ:**

(୧) ଦଖଲରେ ଥିବା ଜଙ୍ଗଲ ଜମିର ବିସ୍ତାର
(କ) ବାସଗୃହ ପାଇଁ
(ଖ) ନିଜର ଚାଷ ପାଇଁ ଯଦି ଥାଏ:
(ଆଇନ୍ ର ଧାରା ୩ (୧)କ, ଦେଖନ୍ତୁ)
(୨) ବିବାଦୀୟ ଜମି ଯଦି କିଛି ଥାଏ:
(ଆଇନ୍ ର ଧାରା ୩ (୧)ଚ, ଦେଖନ୍ତୁ)
(୩) ପଟ୍ଟା/ଲିଜ୍/ଅନୁଦାନ ଯଦି କିଛି ଥାଏ:
(ଆଇନ୍ ର ଧାରା ୩ (୧)ଛ, ଦେଖନ୍ତୁ)
(୪) ଯଥା ସ୍ଥାନରେ ପୁନର୍ବାସ ପାଇଁ ଜମି ବା ବିକଳ୍ପ ଜମି ଯଦି କିଛି ଥାଏ
(ଆଇନ୍ ର ଧାରା ୩ (୧)ଡ଼, ଦେଖନ୍ତୁ)
(୫) ଜମି କ୍ଷତିପୂରଣ ବିନା ଯେଉଁ ଜମିରୁ ବିସ୍ଥାପିତ ହୋଇଛନ୍ତି:
(ଆଇନ୍ ର ଧାରା ୪ (୮) ଦେଖନ୍ତୁ)
(୬) ବନଗ୍ରାମରେ ଜମିର ବିସ୍ତାର, ଯଦି କିଛି ଥାଏ (ଆଇନ୍‌ର ଧାରା ୩ (୧)ଜ, ଦେଖନ୍ତୁ)
(୭) ଅନ୍ୟ କୌଣସି ପାରମ୍ପାରିକ ଅଧିକାର, ଯଦି କିଛି ଥାଏ:
(୮) ସମର୍ଥନର ପ୍ରମାଣ (ସାକ୍ଷ୍ୟ):
(ନିୟମ ୧୩ ଦେଖନ୍ତୁ)
(୯) ଅନ୍ୟ କୌଣସି ସୂଚନା

**ଦାବିଦାରମାନଙ୍କ ଦସ୍ତଖତ / ଟିପଚିହ୍ନ**

# ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ
# (ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମାବଳୀ, ୨୦୦୭)
# ଭାରତ ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

## ଅନୁସୂଚୀ -୧
## (ନିୟମ ୬ (୦) ଦେଖ)
## ଫର୍ମ – ଖ
## ଗୋଷ୍ଠୀ ଅଧିକାର ପାଇଁ ଦାବି ଫର୍ମ
## (ନିୟମ ୧୧(୧)(କ) ଏବଂ (୪) ଦେଖନ୍ତୁ)

(୧) ଦାବିଦାର(ମାନଙ୍କ) ଙ୍କ ନାମ
- (କ) ଜଙ୍ଗଲରେ ବାସ କରୁଥିବା ଆଦିବାସୀ ଗୋଷ୍ଠୀ : ହଁ ନାଁ
- (ଖ) ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଗୋଷ୍ଠୀ : ହଁ / ନାଁ

(୨) ଗ୍ରାମ :

(୩) ଗ୍ରାମ ପଞ୍ଚାୟତ :

(୪) ତହସିଲ୍ ବା ତାଲୁକା :

(୫) ଜିଲ୍ଲା

: :

**ଉପଭୋଗ କରୁଥିବା ଗୋଷ୍ଠୀ ଅଧିକାର ଗୁଡ଼ିକର ସ୍ୱରୂପ:**

(୧) ନିସ୍ତାର ଭଳି ସାମୁଦାୟିକ ଅଧିକାର , ଯଦି କିଛି ଥାଏ :
(ଆଇନ୍‌ର ଧାରା ୩ (୧) ଖ , ଦେଖନ୍ତୁ)

(୨) ଲଘୁ ବନ ଜାତ ଦ୍ରବ୍ୟ ଉପରେ ଅଧିକାର , ଯଦି କିଛି ଥାଏ :
(ଆଇନ୍‌ର ଧାରା ୩ (୧) ଗ, ଦେଖନ୍ତୁ)

(୩) ଗୋଷ୍ଠୀ ଅଧିକାର
- (କ) ବ୍ୟବହାର ବା ମାଲିକାନା (ମାଛ, ଜଳାଶୟ), ଉପରେ ଯଦି କିଛି ଥାଏ :
- (ଖ) ଚାରଣ ହେତୁ ଜମି ଯଦି କିଛି ଥାଏ :
- (ଗ) ଯାଯାବର ଏବଂ ପଶୁପାଳକ ମାନଙ୍କ ପାଇଁ ପାରମ୍ପରିକ ସମ୍ପଦ ଉପରେ ପ୍ରବେଶ, ଯଦି କିଛି ଥାଏ :

(ଆଇନ୍‌ର ଧାରା ୩ (୧) ଘ, ଦେଖନ୍ତୁ)

(୪) ଆଦିମ ଜନଜାତି ଏବଂ ପ୍ରାକ୍-କୃଷିଜୀବି ମାନଙ୍କର ବାସ ଓ ବସତି ପାଇଁ ଗୋଷ୍ଠୀଗତ ଅବଧି, ଯଦି କିଛି ଥାଏ:
(ଆଇନ୍‌ର ଧାରା ୩ (୧) ଙ, ଦେଖନ୍ତୁ)

(୫) ଜୈବ ବିବଧତା, ବୌଦ୍ଧିକ ସମ୍ପଦ ଓ ପାରମ୍ପରିକ ଜ୍ଞାନ ଉପରେ ପ୍ରବେଶାଧିକାର, ଯଦି କିଛି ଥାଏ:
(ଆଇନ୍‌ର ଧାରା ୩ (୧) ଟ, ଦେଖନ୍ତୁ)

(୬) ଅନ୍ୟ କୌଣସି ପାରମ୍ପରିକ ଅଧିକାର , ଯଦି କିଛି ଥାଏ :
(ଆଇନ୍‌ର ଧାରା ୩ (୧) ୦, ଦେଖନ୍ତୁ)
(୭) ଦାବି ସମର୍ଥନରେ ସାକ୍ଷ୍ୟ :
(ନିୟମର ୧୩ ଦେଖନ୍ତୁ)

(୮) ଅନ୍ୟ କୌଣସି ସୂଚନା

**ଦାବିଦାରମାନଙ୍କ ଦସ୍ତଖତ / ଟିପଚିହ୍ନ**

“ଫର୍ମ - ଗ

## ଗୋଷ୍ଠୀ ଜଙ୍ଗଲ ସମ୍ବଳ ନିମନ୍ତେ ଦାବି ଫର୍ମ

## (ଆଇନ୍‌ର ଧାରା ୩ (୧)( ୫) ଓ ନିୟମ ୧୧(୧) ଓ (୪କ) ଦେଖନ୍ତୁ)

୧. ଗ୍ରାମ / ଗ୍ରାମସଭା :

୨. ଗ୍ରାମ ପଞ୍ଚାୟତ :

୩. ତହସିଲ / ତାଲୁକା :

୪. ଜିଲ୍ଲା :

୫. ଗ୍ରାମସଭାର ସଦସ୍ୟମାନଙ୍କ ନାମ ଥାଏକ ସ୍ୱତନ୍ତ୍ର ଫର୍ଦ୍ଦ ସଂଲଗ୍ନ କରି ପ୍ରତ୍ୟେକ ସଭ୍ୟଙ୍କ ସ୍ଥିତି ଆଦିବାସୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀକୁ ନିର୍ଦ୍ଦିଷ୍ଟ କରନ୍ତୁ ।

ଦାବି ଉପସ୍ଥାପନ କରିବାପାଇଁ କିଛି ଆଦିବାସୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଉପସ୍ଥିତ ହେବା ପର୍ଯ୍ୟାପ୍ତ ଅଟେ ।

ଆମେ ଏହି ଗ୍ରାମ ସଭାର ସ୍ୱାକ୍ଷରକାରୀ ନିବାସୀ ଏହାଦ୍ୱାରା ଏହି ସଙ୍କଳ୍ପ କରୁଛୁ ଯେ ନିମ୍ନରେ ଓ ସଂଲଗ୍ନ ମାନଚିତ୍ରରେ ନିର୍ଦ୍ଦିଷ୍ଟ ଥିବା ଅଞ୍ଚଳ, ଯେଉଁଠି ଆମର ଗୋଷ୍ଠୀ ଜଙ୍ଗଲ ସମ୍ବଳ ସମ୍ମିଳିତ ରହିଛି, ତା ଉପରେ ଆମେ ଆମର ଅଧିକାର ସ୍ୱୀକୃତି ପାଇଁ ଦାବି କରୁଛୁ

(ଅବସ୍ଥିତ ଗ୍ରାମର ପାରମ୍ପରିକ ତଥା ପ୍ରଚଳିତ ସୀମା ମୂଳସ୍ଥ ସୀମାଚିହ୍ନ କିମ୍ବା ପଶୁପାଳକ ଗୋଷ୍ଠୀଦ୍ୱାରା ଋତୁକାଳୀନ ବ୍ୟବହୃତ ଭୂଭାଗ ଅଞ୍ଚଳ ଯେଉଁଠିକି ଗୋଷ୍ଠୀର ପାରମ୍ପରିକ ବ୍ୟବହାର ରହିଛି ଓ ଯାହାକୁ ସେମାନେ ପାରମ୍ପରିକ ଭାବରେ ଦୀର୍ଘସ୍ଥାୟୀ ବ୍ୟବହାର ପାଇଁ ସଂରକ୍ଷଣ କରୁଥିଲେ, ତାକୁ ଚିହ୍ନଟ କରି ଗୋଷ୍ଠୀ ଜଙ୍ଗଲ ସମ୍ବଳର ମାନଚିତ୍ର କରିବେ । ଦୟାକରି ଧ୍ୟାନ ଦିଅନ୍ତୁ, ଏହି ମାନଚିତ୍ର ପ୍ରଶାସନିକ ମାନଚିତ୍ରର ଅନୁରୂପ ହେବା ଆବଶ୍ୟକ ନୁହେଁ ।)

୬. ଖସରା / କମ୍ପାଟମେଣ୍ଟ ସଂଖ୍ୟା (ସଂଖ୍ୟାଗୁଡ଼ିକ) (ଯଦି କିଛି ଥାଏ ଓ ଯଦି କିଛି ଜାଣିଥାନ୍ତି)

୭. ସୀମାକୁ ଲାଗିଥିବା ଗ୍ରାମ:

(i)

(ii)

(iii)

ଏଥିରେ ଅନ୍ୟ କୌଣସି ଗ୍ରାମ ସହିତ ସମ୍ବଳ ଓ ଦାୟିତ୍ୱ ବଣ୍ଟନ ସମ୍ବନ୍ଧରେ ସୂଚନା ସମ୍ମିଳିତ କରାଯାଇ ପାରିବ ।

୮. ସମର୍ଥନରେ ପ୍ରମାଣଗୁଡ଼ିକର ସୂଚୀ (ଦୟାକରି ନିୟମ ୧୩ ଦେଖନ୍ତୁ)

**ଦାବିଦାର (ଦାବିଦାରମାନଙ୍କ) ସ୍ୱାକ୍ଷର / ଟିପଚିହ୍ନ**

# ପରିଶିଷ୍ଟ -୪

## ଗୋଷ୍ଠୀ ଜଙ୍ଗଲ ସମ୍ବଳର ଅଧିକାର ପତ୍ର

## ନିୟମ ୮ (୫) ଦେଖନ୍ତୁ

୧. ଗ୍ରାମ / ଗ୍ରାମସଭା:

୨. ଗ୍ରାମ ପଞ୍ଚାୟତ :

୩. ତହସିଲ / ତାଲୁକା :

୪. ଜିଲ୍ଲା :

୫. ଅନୁସୂଚୀତ ଜନଜାତି / ଅନ୍ୟାନ୍ୟ ପାରମ୍ପରିକ ବନବାସୀ : ଅନୁସୂଚୀତ ଜନଜାତି ଗୋଷ୍ଠୀ / ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଗୋଷ୍ଠୀ / ଉଭୟ

୬. ସୀମାର ବର୍ଣ୍ଣନ ତଥା ପ୍ରଚଳିତ ସୀମା ସହିତ ସ୍ପଷ୍ଟ ସୀମା ଚିହ୍ନ ଏବଂ ଖସରା / କମ୍ପାଟମେଣ୍ଟ ନମ୍ବର

ଉକ୍ତ ଅଞ୍ଚଳ ମଧ୍ୟରେ ଏହି ସମୁଦାୟର ଗୋଷ୍ଠୀ ଜଙ୍ଗଲ ସମ୍ବଳର ସୁରକ୍ଷା, ପୂନଃଜନନ, ସଂରକ୍ଷଣ ତଥା ପରିଚାଳନା କରିବାର ଅଧିକାର ପ୍ରାପ୍ତ କରିବ ଓ ଏହି (ନାମ ଉଲ୍ଲେଖ) ଗୋଷ୍ଠୀ ଜଙ୍ଗଲ ସମ୍ବଳ ଯାହାକୁ ସେମାନେ ଆଇନ୍‌ର ଧାରା ୩ (୧)(୯) ଅନୁସାରେ ପାରମ୍ପରିକ ଭାବରେ ସୁରକ୍ଷା, ସଂରକ୍ଷର ଏବଂ ଦୀର୍ଘସ୍ଥାୟୀ ଭାବରେ ବ୍ୟବହାର କରି ଆସୁଛନ୍ତି।

ଆମେ ସ୍ୱାକ୍ଷରକାରୀ ଏହାଦ୍ୱାରା ସରକାରଙ୍କ ପାଇଁ ଓ ତାଙ୍କ ପକ୍ଷରୁ ଉପରୋକ୍ତ ଗ୍ରାମସଭା (ଗ୍ରାମସଭାଗୁଡ଼ିକ) ସମୁଦାୟ (ସମୁଦାୟଗୁଡ଼ିକ)ଙ୍କ ପାଇଁ ଦାବି ବର୍ଣ୍ଣନା କରାଯାଇଥିବା ଗୋଷ୍ଠୀ ଜଙ୍ଗଲ ସମ୍ବଳ (ସୀମା, ମାତ୍ରା, ଅଞ୍ଚଳ, ଯାହା ଉପଯୁକ୍ତ ଅଟେ)କୁ ନିଶ୍ଚିତ କରି ଆମେ ଆମର ସ୍ୱାକ୍ଷର କରୁଛୁ।

**ବନଖଣ୍ଡ ଅଧିକାରୀ / ଅତିରିକ୍ତ ବନପାଳ** | **ଜିଲ୍ଲା ଆଦିବାସୀ ଉନ୍ନୟନ ଅଧିକାରୀ /**

**ଜିଲ୍ଲାପାଳ / ଅତିରିକ୍ତ ସଚିବ**

## ପରିଶିଷ୍ଟ -୫

## ତ୍ରୟମାସିକ ରିପୋର୍ଟ ପ୍ରସ୍ତୁତି କରିବାପାଇଁ ଫର୍ମ

## (ନିୟମ ୧୦ (ଗ) ଦେଖନ୍ତୁ)

୧. ରାଜ୍ୟର ନାମ:

୨. ଦାବିର ସ୍ଥିତି:

୩. ବ୍ୟକ୍ତିଗତ ଅଧିକାର:

(କ) ବ୍ୟକ୍ତିଗତ ଅଧିକାର:

- ଦାବିପତ୍ର ଉପସ୍ଥାପନ
- ଦାବିପତ୍ର ଗ୍ରହଣ
- ନାକଚ
- ପଡ଼ିରହିଛି
- ନାକଚର କାରଣ ଦୃଷ୍ଟାନ୍ତ ସହିତ
- ସୁଧାରିବା ପାଇଁ ପ୍ରସ୍ତାବିତ ପଦକ୍ଷେପ
- ଅନ୍ୟାନ୍ୟ ମନ୍ତବ୍ୟ
- ପ୍ରଦାନ କରାଯାଇଥିବା ଜଙ୍ଗଲ ଜମିର ପରିମାଣ (ହେକ୍ଟରରେ)
- ଆଇନର ଧାରା ୩ (୧)(କ) ଅଧିନରେ ଜଙ୍ଗଲ ଓ ରାଜସ୍ୱ ରେକର୍ଡ଼ରେ ପରିବର୍ତ୍ତନର ସ୍ଥିତି (ହେକ୍ଟରରେ)

(ଖ) ଗୋଷ୍ଠୀ ଜଙ୍ଗଲ ଅଧିକାର

- ଦାବିପତ୍ର ଉପସ୍ଥାପନ
- ଦାବିପତ୍ର ଗ୍ରହଣ
- ନାକଚ
- ପଡ଼ିରହିଛି
- ପ୍ରଦାନ କରାଯାଇଥିବା ଜଙ୍ଗଲ ଜମିର ପରିମାଣ
- ଆଇନର ଧାରା ୩ (୧) ଖ ରୁ ୩ (୧)(୦) ଅଧିନରେ ଜଙ୍ଗଲ ଓ ରାଜସ୍ୱ ରେକର୍ଡ଼ରେ ହୋଇଥିବା ପରିବର୍ତ୍ତନର ସ୍ଥିତି (ହେକ୍ଟରରେ)
- ନାକଚର କାରଣ ଦୃଷ୍ଟାନ୍ତ ସହିତ
- ସୁଧାରିବା ପାଇଁ ପ୍ରସ୍ତାବିତ ପଦକ୍ଷେପ
- ଅନ୍ୟାନ୍ୟ ମନ୍ତବ୍ୟ

(ଗ) ଗୋଷ୍ଠୀ ଜଙ୍ଗଲ ସମ୍ପଦ ଓ ପରିଚାଳନର ବିସ୍ତୃତ ବିବରଣୀ

(ଘ) ଉତ୍ତମ ବ୍ୟବହାର (ଯଦି କିଛି ଥାଏ)

(ଙ) ଆଇନ୍‌ର ଧାରା ୩ (୨) ଅଧିନରେ ପରିବର୍ତ୍ତନ ହୋଇଥିବା କ୍ଷେତ୍ର (ହେକ୍ଟରରେ)

(ଚ) ଅନ୍ୟାନ୍ୟ ମନ୍ତବ୍ୟ

## ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମାବଳୀ, ୨୦୦୭)

**ଭାରତ ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ**

**ପରିଶିଷ୍ଟ –II**

**ନିୟମ – ୮ (ଜ)**

## ଭୋଗଦଖଲରେ ଥିବା ଜଙ୍ଗଲଜମି ପାଇଁ ସ୍ୱତ୍ୱ

୧. ଜଙ୍ଗଲ ଅଧିକାରଧାରୀ (ମାନଙ୍କ) ନାମ (ସ୍ୱାମୀ / ସ୍ତ୍ରୀ ଙ୍କ)

୨. ପିତା / ମାତାଙ୍କ ନାମ

୩. ନିର୍ଭରଶୀଳମାନଙ୍କ ନାମ

୪. ଠିକଣା

୫. ଗ୍ରାମ / ଗ୍ରାମସଭା

୬. ଗ୍ରାମ ପଞ୍ଚାୟତ

୭. ତହସିଲ / ତାଲୁକା

୮. ଜିଲ୍ଲା

୯. ଅନୁସୂଚୀତ ଜନଜାତି କିମ୍ବା ଅନ୍ୟାନ୍ୟ ପାରମ୍ପରିକ ବନବାସୀ

୧୦. କ୍ଷେତ୍ରଫଳ

୧୧. ସୁସ୍ପଷ୍ଟ ଭୂଚିହ୍ନଟ ସହିତ ସୀମାରେଖାର ବର୍ଣ୍ଣନା

ଖେସରା / କମ୍ପାର୍ଟମେଣ୍ଟ ସଂଖ୍ୟା

ନିୟମର ଧାରା ୪ ଓ ଉପଧାରା (୪) ଅନୁଯାୟୀ ଏହି ସ୍ୱତ୍ୱଦାୟ ଯୋଗ୍ୟ ଅଟେ । ଏହା ହସ୍ତାନ୍ତରଣ କିମ୍ବା ଅନ୍ତରଣୀୟ ସ୍ଥାନାନ୍ତର ହୋଇପାରିବ ନାହିଁ ।

ଆମ୍ଭେ ନିମ୍ନସ୍ୱାକ୍ଷରକାରୀ ଏଠାରେ ସରକାରଙ୍କର ତରଫରୁ (ରାଜ୍ୟର ନାମ) .................... ଉପରୋକ୍ତ ଜଙ୍ଗଲ ଅଧିକାରଙ୍କୁ କାଏମ କରିବା ପାଇଁ ଆମ୍ଭମାନଙ୍କର ସ୍ୱାକ୍ଷର ସଂପୃକ୍ତ କରୁଛୁ ।

**ବନଖଣ୍ଡ ଅଧିକାରୀ / ଡେପୁଟି ବନ୍ୟସଂରକ୍ଷକ** | **ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ**

**ଜିଲ୍ଲାପାଳ / ଡେପୁଟି କମିଶନର**

ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଅଧିକାର ସ୍ୱୀକୃତି ନିୟମାବଳୀ, ୨୦୦୭)

ଭାରତ ସରକାର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ

## ପରିଶିଷ୍ଟ –III

## ନିୟମ – ୮ (ଜ)

## ଭୋଗଦଖଲରେ ଥିବା ଗୋଷ୍ଠିଜଙ୍ଗଲ ଅଧିକାର ପାଇଁ ସ୍ୱତ୍ତ୍ୱ

୧. ଗୋଷ୍ଠି ଜଙ୍ଗଲ ଅଧିକାରଧାରୀ (ମାନଙ୍କ) ନାମ

୨. ଗ୍ରାମ / ଗ୍ରାମସଭା

୩. ଗ୍ରାମ ପଞ୍ଚାୟତ

୪. ତହସିଲ / ତାଲୁକା

୫. ଜିଲ୍ଲା

୬. ଅନୁସୂଚୀତ ଜନଜାତି କିମ୍ବା ଅନ୍ୟାନ୍ୟ ପାରମ୍ପରିକ ବନବାସୀ

୭. ଗୋଷ୍ଠିଗତ ଅଧିକାରର ପ୍ରକାର

୮. ସର୍ତ୍ତ ଯଦି କିଛି ଥାଏ

୯. ସୀମାରେଖାର ବର୍ଣ୍ଣନା

୧୦. ସୁସ୍ପଷ୍ଟ ଭୂଚିହ୍ନଟ / ଖେସରା / କମ୍ପାର୍ଟମେଣ୍ଟ ସଂଖ୍ୟା

ଗୋଷ୍ଠିଗତ ଜଙ୍ଗଲ ଅଧିକାରଧାରୀମାନଙ୍କ ନାମ

୧. ...............................................

୨. ...............................................

୩. ...............................................

ଆମ୍ଭେ ନିମ୍ନସ୍ୱାକ୍ଷରକାରୀ ଏଠାରେ ସରକାରଙ୍କର ତରଫରୁ (ରାଜ୍ୟର ନାମ) ............................ ଉପରୋକ୍ତ ଗୋଷ୍ଠୀଗତ ଜଙ୍ଗଲ ଅଧିକାରଙ୍କୁ କାଏମ କରିବା ପାଇଁ ଆମ୍ଭମାନଙ୍କର ସ୍ୱାକ୍ଷର ସଂପୃକ୍ତ କରୁଛୁ ।

**ବନଖଣ୍ଡ ଅଧିକାରୀ / ଡେପୁଟି ବନ୍ୟସଂରକ୍ଷକ** **ଜିଲ୍ଲା ଆଦିବାସୀ କଲ୍ୟାଣ ଅଧିକାରୀ**

**ଜିଲ୍ଲାପାଳ / ଡେପୁଟି କମିଶନର**